

ଯଦି ସାଧନାରେ ଉନ୍ନତି ଲାଭ କରିବାକୁ ଚାହଁ,
ତେବେ କପଟତା ତ୍ୟାଗ କର।
-ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର



## ସଂକ୍ଷେପରେ

### ଗୋଲାପ ଦେଇ ଅନୁରୋଧ 'ନିଜ ସହ ପରିବାର ସୁରକ୍ଷା ରଖନ୍ତୁ'

ସୁନାବେଡ଼ା,୧୯।୪(ଡି.ଏନ୍.ଏ.): ହାଲ୍ ସହରାଞ୍ଚଳର ସୁରକ୍ଷା ବିଭାଗର ଏକ ଅଭିନବ ପ୍ରୟାସ। ସହରାଞ୍ଚଳରେ ଚାଲିଥିବା ସୁରକ୍ଷା ସପ୍ତାହର ପଞ୍ଚମ ଦିବସରେ ଗାଡ଼ି ଚାଳକଙ୍କୁ ଗୋଲାପ ଫୁଲ ଦେଇ ହେଲମେଟ୍ ପିନ୍ଧିବାକୁ ଅନୁରୋଧ କରାଯାଉଥିବା ଦେଖିବାକୁ ମିଳିଥିଲା। ଆପଣଙ୍କର ସୁରକ୍ଷିତ ଫେରିବା ସମୟକୁ ପରିବାର ଅପେକ୍ଷା କରି ରହିଥାନ୍ତି। ତେଣୁ ହେଲମେଟ୍ ପିନ୍ଧି ନିଜ ଜୀବନ ଓ ପରିବାରର ଖୁସି ସୁରକ୍ଷିତ ରଖନ୍ତୁ ବୋଲି ଗାଡ଼ି ଚାଳକଙ୍କୁ ନିବେଦନ କରିଥିଲା ହାଲ୍ ସୁରକ୍ଷା ବିଭାଗ। ସୁନାବେଡ଼ା ଏସ୍‌ଡିପିଓ ନିରଞ୍ଜନ ବେହେରା ଉପସ୍ଥିତ ରହି ଚାଳକଙ୍କୁ ସମସ୍ତ ଟ୍ରାଫିକ୍ ନିୟମ ମାନି ସତର୍କତାର ସହ ଗାଡ଼ି ଚଳାଇବାକୁ ପରାମର୍ଶ ଦେଇଥିଲେ। ଲୋକଙ୍କୁ ସଚେତନ କରିବା ଦିଗରେ ସୁନାବେଡ଼ା ଥାନା ମଧ୍ୟ ସହଯୋଗ କରିଥିଲା। ହାଲ୍ ସୁରକ୍ଷା ଅଧିକାରୀ ଜେ.ପି. ନାୟକ, ସଞ୍ଜୀବ ରଥ, ସୁନାବେଡ଼ା ଥାନା ଏଏସ୍‌ଆଇ ଚକ୍ରଧର ହୋତାଙ୍କ ସହ ଥାନାର କର୍ମଚାରୀ, ସ୍ଥାନୀୟ ବିଦ୍ୟାଳୟର ଏନ୍‌ସିସି କ୍ୟାଡେଟ୍ ଅଂଶଗ୍ରହଣ କରିଥିଲେ।

### ବାଣିଜ୍ୟକର ଏନଫୋର୍ସମେଣ୍ଟ ନିଗମର ଚଢ଼ାଉ ବସ୍‌ରୁ ୨୫ ହଜାର ଜରିମାନା ଆଦାୟ

ଜୟପୁର,୧୯।୪(ଡି.ଏନ୍.ଏ.): କୋରାପୁଟ ଜିଲା ଜୟପୁର ସ୍ଥିତ ବାଣିଜ୍ୟକର ଏନଫୋର୍ସମେଣ୍ଟ ବିଭାଗ ପକ୍ଷରୁ ରାଜ୍ୟ ସଡ଼କ ନିଗମର ବସ୍ ଉପରେ ଚଢ଼ାଉ କରାଯାଇଛି। ସରକାରୀ ବସ୍‌ରେ ମାଲ ପରିବହନ ବେଳେ ଜିଏସ୍‌ଟି ନମ୍ବର ବିନା ଏଣ୍ଟ୍ରି ଓ ନିର୍ଦ୍ଧାରିତ ମୂଲ୍ୟଠାରୁ କମ୍ ଦରରେ ବିଲ୍ କଟାଯାଇ ଟିକସ ଫାଙ୍କିବା ଭଳି କାମ ଧରାପଡ଼ିଥିଲା। ଏଥିରେ ବୈଦ୍ୟୁତିକ ସାମଗ୍ରୀ ଉପରେ ୧୮ ହଜାର ଓ କପଡ଼ା ସାମଗ୍ରୀ ଉପରେ ୭ ହଜାର ଟଙ୍କା ଟିକସ ଓ ଜରିମାନା ଆଦାୟ କରାଯାଇଛି। ଏନଫୋର୍ସମେଣ୍ଟ ସିଟିଓ ଝୁମର ମାଝିଙ୍କ ନେତୃତ୍ୱରେ ଏହି ଚଢ଼ାଉ ଭଞ୍ଜନଗର-ମାଲକାନଗିରି, ବ୍ରହ୍ମପୁର-ଜୟପୁର ନିଗମର ବସ୍ ଉପରେ କରାଯାଇଥିଲା। ପ୍ରତ୍ୟେକ ମାସରେ ୪ରୁ ଅଧିକ ଥର ଚଢ଼ାଉ କରାଯିବ।

### ସ୍ତ୍ରୀ ହତ୍ୟାକାରୀ କୋର୍ଟ ଚାଲାଣ

ଦଶମନ୍ତପୁର,୧୯।୪(ଡି.ଏନ୍.ଏ.): ଦଶମନ୍ତପୁର ବ୍ଲକ ଚିନ୍ଦରଯୋଡ଼ି ଗ୍ରାମରେ ସ୍ତ୍ରୀଙ୍କୁ ହତ୍ୟା କରିବା ଅଭିଯୋଗରେ ଅଭିଯୁକ୍ତ ସ୍ୱାମୀ ଓ ତାଙ୍କ ସହଯୋଗୀକୁ ପୋଲିସ ଗିରଫ ପରେ ଶୁକ୍ରବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଚିନ୍ଦରଯୋଡ଼ିର ଶିବ ସାଉନ୍ତା। ସେ ନିଜ ସ୍ତ୍ରୀ ସୁମିତ୍ରାଙ୍କୁ ଗଛରେ ଝୁଲାଇଦେବା ପରେ ତାଙ୍କୁ ଆଣି ଘର ପଛପଟେ ଫୋପାଡ଼ି ଦେଇଥିଲେ। ୩ ଦିନ ପରେ ସୁମିତ୍ରାଙ୍କ ବାପା କୁମୁଟି ଥାନାର ଦ୍ୱାରସ୍ଥ ହେବା ପରେ ଥାନା ଅଧିକାରୀ କପିଳେଶ୍ୱର ବେହେରାଙ୍କ ନିର୍ଦ୍ଦେଶକ୍ରମେ ହେଡ କନଷ୍ଟେବଲ ବାବୁଲା ପ୍ରଧାନ ଓ କନଷ୍ଟେବଲ ପ୍ରମୋଦ ପଣ୍ଡା ଘଟଣାସ୍ଥଳକୁ ଯାଇ ଅଭିଯୁକ୍ତ ଶିବ ଓ ତାଙ୍କ ସହଯୋଗୀ ସାନଭାଇ ସତ୍ୟ ସାଉଁତାଙ୍କୁ ଗିରଫ କରିଥିଲେ। ଦଫା ୪୯୮ (ଏ), ୩୦୨, ୩୦୪ (ବି), ୩୪ ଆଇପିସିରେ କେସ୍ ନଂ ୩୩/୧୯ରେ ମାମଲା ରୁଜୁ ହୋଇଥିଲା।

### 'ଉନ୍ମେଷ'ରେ ପିଲାଙ୍କୁ ନାଟ୍ୟ ପ୍ରଶିକ୍ଷଣ



ଦାମନଯୋଡ଼ି,୧୯।୪(ସ୍ୱ.ପ୍ର.): ନାଲକୋ ସହାୟତାରେ ଛାତ୍ରୀଛାତ୍ର ଓ କିଶୋରମାନଙ୍କୁ ମଞ୍ଚ ସଚେତନତା ଓ ସାଂସ୍କୃତିକ ସଂହତି ପାଇଁ ଦାମନଯୋଡ଼ି ପଞ୍ଚପଟ୍ଟମାଳୀ ନାଟ୍ୟ ମହୋତ୍ସବର ଏକ ଅଭିନବ ପ୍ରୟାସ ହେଉଛି ଉତ୍କଳୀୟ ନାଟ୍ୟ ମଞ୍ଚ ଏକାତ୍ମୀୟ ଶିକ୍ଷା ଅଭିଯାନ ବା ଉନ୍ମେଷ। ମଞ୍ଚ ଓ ନାଟକ ଏବେ ମରିଯିବାକୁ ବସିଥିବା ବେଳେ ପଞ୍ଚଦଶ ସଂସ୍କରଣରେ ପାଦ ଦେଇଥିବା ପଞ୍ଚପଟ୍ଟମାଳୀ ନାଟ୍ୟ ମହୋତ୍ସବ ଏଥର ନିଜର ଏହି ମହତ୍ ଅଭିଯାନ 'ଉନ୍ମେଷ' କାର୍ଯ୍ୟକ୍ରମରେ ଦାମନଯୋଡ଼ି ଓ ଏହାର ଆଖପାଖ ଅଞ୍ଚଳର ସ୍କୁଲ ଛାତ୍ରୀଛାତ୍ରଙ୍କୁ ନାଟକ ପ୍ରଶିକ୍ଷଣ ଦେଇ ସେମାନଙ୍କ ଭିତରେ ଏଥିପ୍ରତି ସଚେତନତା ଓ ଆଗ୍ରହ ସୃଷ୍ଟି କରାଯାଉଛି। ଶୁକ୍ରବାର ଏହି ପ୍ରଶିକ୍ଷଣ କର୍ମଶାଳାକୁ ଦାମନଯୋଡ଼ି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ନାଲକୋ ଇଡି ରବିଶଙ୍କର ଦାଶ ଉଦ୍‌ଘାଟନ କରିଛନ୍ତି।



ଦାମନଯୋଡ଼ିସ୍ଥିତ ନାଲ୍‌କୋ ହିଲ୍‌ଟପ୍‌ରେ ଶୁକ୍ରବାର ପ୍ରବଳ କୁଆପଥର ବର୍ଷା ପରର ଦୃଶ୍ୟ।

# ନାଲ୍‌କୋ ହିଲ୍‌ଟପ୍‌ରେ ଛାଇଗଲା କୁଆପଥର

ଦାମନଯୋଡ଼ି/କୋରାପୁଟ, ୧୯।୪(ସ୍ୱ.ପ୍ର.)

କୋରାପୁଟ ଜିଲା ଦାମନଯୋଡ଼ିରେ ଶୁକ୍ରବାର ଅପରାହ୍ନରେ ପ୍ରବଳ କୁଆପଥର ବର୍ଷା ହୋଇଛି। ଏଥିରେ ନାଲକୋର ହିଲଟପ୍ ବରଫାବୃତ୍ତ ହୋଇ କାଶ୍ମୀରର ଭ୍ରମ ସୃଷ୍ଟି କରିଛି। ପଞ୍ଚପଟ୍ଟମାଳି ଖଣିର ହିଲଟପ ଅଞ୍ଚଳରେ ପ୍ରାୟ ୨ ଇଞ୍ଚର କୁଆପଥର ବର୍ଷା ହୋଇଥିଲା। ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ପକ୍ଷରୁ ଶୁକ୍ରବାର ଅପରାହ୍ନ ୨ଟା ଭିତରେ କୋରାପୁଟ ଜିଲାର ବନ୍ଧୁଗାଁ, ନାରାୟଣପାଟଣା, ଲକ୍ଷ୍ମୀପୁର, ସେମିଳିଗୁଡ଼ା ବ୍ଲକରେ ଘଡ଼ଘଡ଼ି ସହ କୁଆପଥର ବର୍ଷା ହେବା ଆଶଙ୍କା ଥିବା ସୂଚନା ଦିଆଯାଇଥିଲା। ଅପରାହ୍ନ ୫ଟା ସୁଦ୍ଧା ଜିଲାର ନାରାୟଣପାଟଣାରେ କୁଆପଥର ବୃଷ୍ଟି ସାମାନ୍ୟ ହୋଇଥିବା ବେଳେ ହିଲ୍‌ଟପ୍ ଅଞ୍ଚଳରେ ପ୍ରବଳ କୁଆପଥର ବର୍ଷିଥିଲା। ଅନ୍ୟ କୌଣସି ସ୍ଥାନରେ ବର୍ଷାର ସୂଚନା ନଥିଲା। ତେବେ ଗତ ବର୍ଷ ମଧ୍ୟ ଦାମନଯୋଡ଼ି ଅଞ୍ଚଳରେ ପ୍ରବଳ କୁଆପଥର ବର୍ଷା ହୋଇ କିଛି ସମୟ ପାଇଁ କାଶ୍ମୀରର ଭ୍ରମ ସୃଷ୍ଟି କରିଥିଲା।

# ରେକର୍ଡ଼ ରାଜସ୍ୱ ଆଦାୟ କଲା କୋରାପୁଟ ତହସିଲ

କୋରାପୁଟ,୧୯।୪(ସ୍ୱ.ପ୍ର.)

୨୦୧୮-୧୯ ଆର୍ଥିକ ବର୍ଷରେ କୋରାପୁଟ ତହସିଲରେ ୧୧ କୋଟି ୯୨ ଲକ୍ଷ ୩୫ ହଜାର ୧୭୩ ଟଙ୍କା ରାଜସ୍ୱ ଆଦାୟ ହୋଇଛି। ୨୦୧୮-୧୯ରେ ଖଜଣା ଓ ସେସ୍ ବାବଦରେ ୩ ଲକ୍ଷ ୧୬ ହଜାର ୯୫୦ ଟଙ୍କା ଲକ୍ଷ୍ୟ ଧାର୍ଯ୍ୟ ରଖାଯାଇଥିବାବେଳେ ୩ ଲକ୍ଷ ୮୮ ହଜାର ୧୧୯ ଟଙ୍କା ଆଦାୟ କରାଯାଇଛି। ଏହା ଲକ୍ଷ୍ୟଧାର୍ଯ୍ୟର ୧୨୨ ପ୍ରତିଶତ। ସେହିପରି ରୟାଲିଟି ଓ ଅନ୍ୟ ରାଜସ୍ୱ ବାବଦରେ ୩ କୋଟି ୭୪ ଲକ୍ଷ ୭୨ ହଜାର ୩୭୨ ଟଙ୍କା ଲକ୍ଷ୍ୟଧାର୍ଯ୍ୟ ଥିବାବେଳେ ୧୧ କୋଟି ୮୮ ଲକ୍ଷ ୪୬ ହଜାର ୩୮୨ ଟଙ୍କା ଆଦାୟ କରାଯାଇଛି ଯାହା ଟାର୍ଗେଟ୍‌ର ୩୧୭ ପ୍ରତିଶତ ଅଟେ। କୋରାପୁଟ ତହସିଲ ରାଜସ୍ୱ ଆଦାୟରେ ଏଭଳି ରେକର୍ଡ କରିଥିବାବେଳେ ରାଜସ୍ୱ ନୀରିକ୍ଷକ, ସହକାରୀ ରାଜସ୍ୱ ନିରୀକ୍ଷକ, ସୁପରଭାଇଜରଙ୍କ ସମେତ ତହସିଲର ସମସ୍ତ କର୍ମଚାରୀଙ୍କ ଉଦ୍ୟମ ଯୋଗୁଁ ଏହି ସଫଳତା ମିଳିଥିବା ତହସିଲଦାର ନେହେରୁ ମାଝି କହିଛନ୍ତି।

# ଖ୍ରୀଷ୍ଟିଆନ ପାଳିଲେ ଗୁଡ୍ ଫ୍ରାଇଡେ



ଜୟପୁର ସହରର ଜେଇଏଲ୍‌ସି ଚର୍ଚ୍ଚରେ ଗୁଡ୍ ଫ୍ରାଇଡେ ପାଇଁ ଏକାଠି ହୋଇଥିବା ଖ୍ରୀଷ୍ଟ ଧର୍ମାବଲମ୍ବୀ।

ଜୟପୁର,୧୯।୪(ଡି.ଏନ୍.ଏ./ନି.ପ୍ର.)

ଜୟପୁର ସହର ଓ ଆଖପାଖ ଅଞ୍ଚଳରେ ଖ୍ରୀଷ୍ଟିଆନ ଧର୍ମାବଲମ୍ବୀ ପବିତ୍ର ଶୁକ୍ରବାର ବା ଗୁଡ୍ ଫ୍ରାଇଡେ ପାଳନ କରିଛନ୍ତି। ଜୟପୁରସ୍ଥିତ ଜେ.ଇ.ଏଲ.ସି ଚର୍ଚ୍ଚ, ଆମ୍ବାଗୁଡ଼ା, ହାଟପଦା, କୁମ୍ଭିପୁଟ, ଅନ୍ତା, କେବିଡ଼ି ଗ୍ରାମରେ ଥିବା ଚର୍ଚ୍ଚରେ ଖ୍ରୀଷ୍ଟିଆନମାନେ ଅପରାହ୍ନରେ କ୍ୟାଣ୍ଡେଲ ଜାଳି ପ୍ରାର୍ଥନା କରିଥିଲେ। ଏହି ଦିବସରେ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କୁ ବିଧର୍ମୀମାନେ କ୍ରୁଶବିଦ୍ଧ କରିଥିଲେ। କ୍ରୁଶରେ ସେ ମାନବ ସମାଜକୁ ସାତଟି ବାଣୀ ଶୁଣାଇଥିଲେ। ଏହାକୁ ଚର୍ଚ୍ଚରେ ପାଷ୍ଟରମାନେ ବିସ୍ତୃତ ଭାବେ ବୁଝାଇଥିଲେ। ଶୁକ୍ରବାର ଅପରାହ୍ନରେ ଜେ.ଇ.ଏଲ.ସି ଚର୍ଚ୍ଚରେ ମିଳିତ ପ୍ରାର୍ଥନା ହୋଇଥିଲା। ଏଥିରେ ଜେଇଏଲସି ପାଷ୍ଟର ଆଶିଷ ପାଲ, ପରିଚାଳକ ମନୋଜ ନାୟକ, ପାଳକ ହେଲିନା ଚାନ୍ଦ, ସରୋଜ ମୁନୀ ବାଇବେଲ ପାଠ କରିଥିଲେ। ଶୁକ୍ରବାରର ଦୁଇଦିନ ପରେ ରବିବାର ଯୀଶୁ ପୁନଃ ଜୀବନ ଫେରି ପାଇଥିଲେ। ଏହି ଦିବସକୁ ଇଷ୍ଟର ସଣ୍ଡେ ଭାବେ ପାଳନ କରାଯାଇ ଖ୍ରୀଷ୍ଟିଆନ୍‌ମାନେ ଉପବାସ ରଖିବା ସହ ସ୍ଥାନୀୟ କବରଖାନାରେ ପୂର୍ବପୁରୁଷଙ୍କ ସ୍ମୃତି ଉଦ୍ଦେଶ୍ୟରେ ଫୁଲ ଓ କ୍ୟାଣ୍ଡେଲ ଲଗାଯାଇଥାଏ।

# ବ୍ଲକ ଦର୍ଜି ସଂଘ ବୈଠକ

ବୈପାରୀଗୁଡ଼ା,୧୯।୪(ଡି.ଏନ୍.ଏ.)

ସ୍ଥାନୀୟ ଡାକ ବଙ୍ଗଳାରେ ଶୁକ୍ରବାର ବୈପାରୀଗୁଡ଼ା ବ୍ଲକ ଦର୍ଜି ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ସଂଘର ପୁରୁଖା କର୍ମକର୍ତ୍ତା ସୁନାମ ନାୟକ ଅଧ୍ୟକ୍ଷତା କରିଥିବା ବେଳେ ଶ୍ରମିକ ନେତା ସୂର୍ଯ୍ୟନାରାୟଣ ବିଶୋୟୀ, ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଉକ୍ତ ବୈଠକରେ ଦର୍ଜିମାନଙ୍କର ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରାଯିବା ସହ କେନ୍ଦ୍ର ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। ଦାବିଗୁଡ଼ିକ ହେଲା ଦର୍ଜିମାନଙ୍କୁ ସାମାଜିକ ସୁରକ୍ଷା ଯୋଗାଇଦେବା, ୬୦ ବର୍ଷ ପରେ ମାସିକ ୩ ହଜାର ଟଙ୍କା ଭତ୍ତା, ସ୍ୱାସ୍ଥ୍ୟ ବୀମା ସୁବିଧା ଓ ପିଲାଙ୍କ ପାଠପଢ଼ା ପାଇଁ ଆର୍ଥିକ ସହାୟତା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପି. ନାଗେଶ୍ୱର ରାଓ, କୃପାଦାନ ଖରା, ଅନନ୍ତ ବେହେରା, ସୂର୍ଯ୍ୟନାରାୟଣ ପରିଚ୍ଛା ଓ ରଶ୍ମିତା ଡାକୁଆଙ୍କ ସମେତ ବହୁ ପୁରୁଷ ଓ ମହିଳା ଦର୍ଜି ଯୋଗ ଦେଇଥିଲେ।



ବୈଠକରେ ବ୍ଲକ ଦର୍ଜି ସଂଘର କର୍ମକର୍ତ୍ତା।

## ତାତି ଅସମ୍ଭାଳ, ଶୋଷ ମେଣ୍ଟାଉଛି ଆଖୁରସ

ସୁନାବେଡ଼ା,୧୯।୪(ଡି.ଏନ୍.ଏ.)

ସୁନାବେଡ଼ାରେ ଏବେ ଅସମ୍ଭାଳ ତାତି। ତାତିରୁ ରକ୍ଷା ପାଇବା ପାଇଁ ଲୋକେ ଦିନସାରା ଘରୁ ବାହାରିବାକୁ ମନ କରୁନାହାନ୍ତି। ଆଖୁ, ପଣା, ଲସି, ଦହିବରା ଦୋକାନରେ ଏବେ ପ୍ରବଳ ଭିଡ଼ ହେଉଛି। ଗରିବ ଖଟିଖିଆମାନେ ଗରମରୁ ରକ୍ଷା ପାଇବା ପାଇଁ କେନାଲ ଓ ବନ୍ଧରେ ଗାଧୋଉଛନ୍ତି। ସୁନାବେଡ଼ାରେ ଦିନ ୧୨ଟାରୁ ୩ଟା ଯାଏଁ ୩୭ ଡିଗ୍ରୀ ରହୁଛି। ଆଗକୁ ତାତି ଆହୁରି ବଢ଼ିବ ବୋଲି ଆଶଙ୍କା କରାଯାଉଛି। ତେବେ ଏଭଳି ଖରାରେ ପାଣି ପାଇଁ ହଇରାଣ ହେଉଥିବା ପଥଚାରୀଙ୍କ ପାଇଁ ପ୍ରଶାସନ ଏଯାବତ୍ କୌଣସି ଜଳଛତ୍ର ଖୋଲିନାହିଁ। ତୁରନ୍ତ ବିଭିନ୍ନ ଗହଳି ସ୍ଥାନରେ ଜଳଛତ୍ର ଖୋଲିବା ପାଇଁ ସାଧାରଣରେ ଦାବି ହୋଇଛି।

## ୯ ସ୍ଥାନରେ ଆରମ୍ଭ ହେବ ଜଳଛତ୍ର

ଜୟପୁର,୧୯।୪(ଡି.ଏନ୍.ଏ.)

ଜୟପୁର ପୌରସଂସ୍ଥା ପକ୍ଷରୁ ଶନିବାରଠାରୁ ସହରର ୯ଟି ସ୍ଥାନରେ ଜଳଛତ୍ର ଶୁଭାରମ୍ଭ କରାଯିବ। ଶୁକ୍ରବାର ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା (ଡୁଡା)ର ପ୍ରକଳ୍ପ ନିର୍ଦ୍ଦେଶିକାଙ୍କ ଅନୁମତି ପାଇଁ ପୌରସଂସ୍ଥା ଫାଇଲ ଦାଖଲ କରିଛି। ଖରାର ପ୍ରକୋପ ବୃଦ୍ଧି ପାଇଥିବା ବେଳେ ପୌରସଂସ୍ଥା କିନ୍ତୁ ଜଳଛତ୍ର ଖୋଲିବାରେ ବିଳମ୍ୱ କରିଛି। କେବଳ କେତେକ ଘରୋଇ ସଂସ୍ଥା ଜଳଛତ୍ର ଖୋଲିଛନ୍ତି। ଓଡ଼ିଶା ଇଞ୍ଜିନିୟରିଂ ଡିପ୍ଲୋମା ମହାସଂଘର କୋଲାବ ଶାଖା ପକ୍ଷରୁ ଜୟପୁର ସରକାରୀ ବସଷ୍ଟାଣ୍ଡ ନିକଟରେ ଚୈତ୍ର ପୂର୍ଣ୍ଣିମା ଅବସରରେ ଜଳଛତ୍ର ଖୋଲାଯାଇ ଦହିଚଲ୍ଲା ଓ ବିଶୁଦ୍ଧ ପିଇବା ପାଣିର ବ୍ୟବସ୍ଥା କରାଯାଇଥିଲା। ଏଥିରେ ସଭାପତି ରଜନୀକାନ୍ତ ମିଶ୍ର, ସମ୍ପାଦକ ସରୋଜ ମହାନ୍ତି, ଆଞ୍ଚଳିକ ସମ୍ପାଦକ ରମାକାନ୍ତ ଦାଶ, କାର୍ଯ୍ୟକାରୀ ସମ୍ପାଦକ ନିରଞ୍ଜନ ସାହୁ, ପୂର୍ବତନ ଆଞ୍ଚଳିକ ସମ୍ପାଦକ ଆଲୋକ ଚୌଧୁରୀ ଉପସ୍ଥିତ ଥିଲେ। ପ୍ରକାଶ ଯେ, ପୌରସଂସ୍ଥା ପକ୍ଷରୁ ଜୟପୁର ସହରର ରାଜାନହର, ଗ୍ଲୋକାଲ ହସପିଟାଲ, କ୍ରିଷ୍ଣା ଟକିଜ, ଗାନ୍ଧିଛକ, ଖ୍ରୀଷ୍ଟିଆନ ସାହି, ନୂଆ ବସ୍‌ଷ୍ଟାଣ୍ଡ, ପଞ୍ଚାନନ ମନ୍ଦିର, ଜୟନଗର, ଇନ୍ଦିରା ଛକରେ ଏହି ଜଳଛତ୍ର ସ୍ଥାପନ କରାଯାଇଛି।

## ବିଚାରପତିଙ୍କ ଗସ୍ତ



ଦଶମନ୍ତପୁର,୧୯।୪(ଡି.ଏନ୍.ଏ.):

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକରେ ନିର୍ମାଣ କରାଯାଉଥିବା ନବନିର୍ମିତ କୋର୍ଟର ସ୍ଥିତି ଅନୁଧ୍ୟାନ କରିଛନ୍ତି ଜିଲା ଓ ଦୌରାଜଜ୍। ବ୍ଲକରେ ନବନିର୍ମିତ କୋର୍ଟ ଓ ସ୍ଥିତି ଅନୁଧ୍ୟାନ ପାଇଁ କୋରାପୁଟ ଓ ଜୟପୁର କୋର୍ଟର ଜଜ୍ ହିମାଂଶୁ ଶେଖର ବିଶ୍ୱାଳ ଏବଂ କୋର୍ଟର ମ୍ୟାନେଜର ପ୍ରମୁଖ ଆସିଛନ୍ତି। ପ୍ରଥମେ ଥାନାକୁ ଯାଇ ଥାନା ଅଧିକାରୀ କପିଳେଶ୍ୱର ବେହେରାଙ୍କ ସହ ଡାକ ବଙ୍ଗଳାରେ ଅସ୍ଥାୟୀ ଭାବେ ନିର୍ମାଣାଧୀନ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିକାରୀ ତଥା ଦେୱାନୀ ବିଚାରପତି (କନିଷ୍ଠ)ଙ୍କ ଅଦାଲତକୁ ଅନୁଧ୍ୟାନ ଲାଗି ଯାଇଥିବା ସହ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଗୃହ ନିକଟରେ ଜଜ୍‌ଙ୍କ ରହିବା ନିମିତ୍ତ ସ୍ଥାନ ଚୟନ କରିଥିଲେ। ସଙ୍ଗେସଙ୍ଗେ ନୂତନ ଭାବେ ନିର୍ମାଣ କରାଯାଉଥିବା ଜଜ୍‌ଙ୍କ କୋଠରିକୁ ଯାଇ ପରିବେଶ ଅନୁଧ୍ୟାନ କରିଥିଲେ। କୋର୍ଟ କଚେରି ମାମଲା ପାଇଁ ଜନସାଧାରଣଙ୍କୁ କିଛିମାତ୍ରାରେ ଦୂର ହୋଇପାରେ। କିପରି ଓ କେଉଁ ମାଧ୍ୟମରେ ନିର୍ମାଣ କଲେ କୋର୍ଟ ସୁରକ୍ଷିତ ଓ ଶୃଙ୍ଖଳିତ ରହିବା ସହ ପରିବେଶ ମଧ୍ୟ ଉପଯୋଗୀ ହୋଇପାରିବ ସେନେଇ ବିଜେଡିର ବ୍ଲକ କାର୍ଯ୍ୟକାରୀ ସଭାପତି ରଘୁପତି ବିଶୋଇଙ୍କ ସହ ସେ ଆଲୋଚନା କରୁଛନ୍ତି। ଏଠାରେ କୋର୍ଟ କାର୍ଯ୍ୟକାରୀ ହେଲେ ଲୋକଙ୍କୁ ଆଉ ଅସୁବିଧା ହେବନାହିଁ ବୋଲି ମତ ପ୍ରକାଶ ପାଇଛି।

# ଆଜିଠୁ ବନ୍ଦ ହୋଇପାରେ ଉତ୍ପାଦନ

ଜୟପୁର,୧୯।୪(ଡି.ଏନ୍.ଏ.)

**ବିଲ୍ଟ କାଗଜକଳ**

କୋରାପୁଟ ଜିଲା ଜୟପୁର ନିକଟସ୍ଥ ଗାଗନାପୁର କାଗଜକଳର ଉତ୍ପାଦନ ଶନିବାରଠାରୁ ବନ୍ଦ ହେବା ଆଶଙ୍କା କରାଯାଉଛି। କାଗଜ ପ୍ରସ୍ତୁତି ନିମନ୍ତେ ରହିଥିବା କାଠ ଓ ବାଉଁଶ ଭଳି କଞ୍ଚାମାଲର ଅଭାବ ଯୋଗୁଁ ଉତ୍ପାଦନ ବନ୍ଦ ହେବା ନେଇ କର୍ମଚାରୀମାନଙ୍କ ମଧ୍ୟରେ ଆଶଙ୍କା ବୃଦ୍ଧି ପାଇଛି। ଗଚ୍ଛିତ କାଠ ଓ ବାଉଁଶରେ ନିର୍ମିତ ମଣ୍ଡକୁ ଶୁକ୍ରବାର ରାତି କିମ୍ବା ଶନିବାର ପୂର୍ବାହ୍ନ ସୁଦ୍ଧା ସମାପ୍ତ କରିବା ପାଇଁ ୨ଟି ମେସିନ ଚାଲିଛି। ଏନେଇ କାଗଜକଳ କର୍ତ୍ତୃପକ୍ଷଙ୍କ ପକ୍ଷରୁ କୌଣସି ନୋଟିସ ଜାରି କରାଯାଇନାହିଁ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଦୀର୍ଘଦିନ ଧରି କାଗଜକଳରେ ଉତ୍ପାଦନ ବନ୍ଦ ହେବା ପରେ ଗତ ଜାନୁୟାରୀ ମାସଠାରୁ ପୁଣି ଉତ୍ପାଦନ ଚାଲୁ ରହିଥିଲା। ମଝିରେ ପୁଣି ଏଭଳି ପରିସ୍ଥିତି ଉପୁଜିଥିବା ବେଳେ ମଧ୍ୟ ସମାନ ସମସ୍ୟା ଦେଖାଦେଇଛି। କାଗଜକଳରେ କିଛି ଦିନ ପାଇଁ ଉତ୍ପାଦନ ବନ୍ଦ ରହିବା ସହିତ ଅନ୍ୟ ମେଶିନଗୁଡ଼ିକର ମରାମତି କରାଯାଉଛି। ଅନ୍ୟପକ୍ଷରେ କାଗଜକାଳରେ ଏଭଳି ପରିସ୍ଥିତି ବେଳେ କର୍ମଚାରୀଙ୍କ ଗତ ତିନିମାସର ଦରମା ପ୍ରଦାନ କରାଯାଇନାହିଁ।

# ଉନ୍ନୀତ ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ନୃତ୍ୟ ପ୍ରଦର୍ଶନ କରୁଛନ୍ତି ଛାତ୍ରୀ।

ବୈପାରୀଗୁଡ଼ା,୧୯।୪(ଡି.ଏନ୍.ଏ.)

ବୈପାରୀଗୁଡ଼ା ବ୍ଲକ କୋଲାର ପଞ୍ଚାୟତ ଅନ୍ତର୍ଗତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ତଥା କେଜିବିଭିର ବାର୍ଷିକ ଉତ୍ସବ ଶୁକ୍ରବାର ପାଳିତ ହୋଇଛି। ଏଥିରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରତନ ସୁଆବି ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟବକ୍ତା ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଧୀର ଚନ୍ଦ୍ର ରଥ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ସାଧନ ସଂଯୋଜକ ପ୍ରଶାନ୍ତ କାଣ୍ଡିକି ଓ ପ୍ରଧାନ ଶିକ୍ଷୟିତ୍ରୀ ମଧୁରିକା ମହାପାତ୍ର ଉପସ୍ଥିତ ଥିଲେ। ସହକାରୀ ଶିକ୍ଷୟିତ୍ରୀ ସବିତା ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟବକ୍ତା ରଥ ତାଙ୍କ ଉଦ୍‌ବୋଧନରେ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ବୃଦ୍ଧି ଉପରେ ଅଭିଭାବକଙ୍କୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବିଦ୍ୟାଳୟର ବିଭିନ୍ନ ସମସ୍ୟା ଯଥା ଶ୍ରେଣୀଗୃହ ଓ ପାଚେରି ସଂପର୍କରେ ଶିକ୍ଷା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ଏହି ଅବସରରେ ଉଲ୍ଲେଖନୀୟ ପ୍ରତିଭା ପାଇଁ କେତେକ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ପରେ ଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

■ ଗ୍ରୀଷ୍ମରେ ପ୍ରଥମଥର ପାଇଁ ବ୍ୟବସ୍ଥା କଲା ପୋଲିସ

# ଟ୍ରାଫିକ ପୋଲିସଙ୍କୁ ମିଳିଲା କୁଲ୍ କିଟ୍

ଜୟପୁର,୧୯।୪(ନି.ପ୍ର./ଡି.ଏନ୍.ଏ.)

କୋରାପୁଟ ଜିଲା ଜୟପୁର ଟାଉନଥାନା ପକ୍ଷରୁ ଉଭୟ ସାଧାରଣ ଜନତା ଓ ଟ୍ରାଫିକ ପୋଲିସଙ୍କ ପାଇଁ ଖରାଦାଉରୁ ବର୍ତ୍ତିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିଛନ୍ତି। ସହରରେ କାର୍ଯ୍ୟରତ ୧୦ ଜଣ ଟ୍ରାଫିକ ପୋଲିସଙ୍କୁ ଗ୍ରୀଷ୍ମ ପାଇଁ କୁଲ୍‌କିଟ ଦିଆଯିବା ସହ ଥାନା ସମ୍ମୁଖରେ ଜଳଛତ୍ରର ଶୁଭାରମ୍ଭ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏସ୍‌ଡିପିଓ ସାଗରିକା ନାଥ କୁଲ୍ କିଟ ପ୍ରଦାନ କରିଥିଲେ। ଏହି କିଟ୍‌ରେ ଗୋଟିଏ ପାଣି ବୋତଲ, ପ୍ୟାକେଟ ଫଳରସ, ଛତା, ମାସ୍କ ରହିଛି। ଅସ୍ଥାୟୀ ଭାବେ ଟ୍ରାଫିକ ପୋଷ୍ଟରେ ନିୟୋଜିତ ୩୫ ଜଣ ଷ୍ଟୁଡେଣ୍ଟ ଭଲ୍ୟୁଣ୍ଟିୟରଙ୍କୁ ଏହି କିଟ୍ ଦିଆଯିବ ବୋଲି ଏସ୍‌ଡିପିଓ ସାଗରିକା କହିଛନ୍ତି। ସେହିପରି ସାଧାରଣ ଲୋକ ଓ ପଥଚାରୀଙ୍କ ପାଇଁ ଜଳଛତ୍ରର ଶୁଭାରମ୍ଭ କରାଯାଇଥିଲା। ଏହି ଜଳଛତ୍ରରେ ପିଇବା ପାଣି ଓ ଲେମ୍ବୁ, ଲୁଣ ଓ ଚିନି ମିଶ୍ରିତ ଜଳ ରଖାଯାଇଛି। ସପ୍ତାହରେ ୨ଦିନ ଦହିଚଲା ଦିଆଯିବ। ଏହି ଅବସରରେ ଥାନା ଅଧିକାରୀ ବାଲେଶ୍ୱର ଗିଧି, ଏସ୍‌ଆଇ ଶିବଶଙ୍କର ସାହୁ, ମିଳନ ମଜୁମଦାର, ଏଏସ୍‌ଆଇ ଶେକ ତାଜ ମହମ୍ମଦ, ପ୍ରଭୁଦାନ ଖୋସ୍ଲା, ସଞ୍ଜୟ ମଣ୍ଡଳ ଉପସ୍ଥିତ ଥିଲେ।



ଟ୍ରାଫିକ୍ ପୋଲିସଙ୍କୁ କୁଲ୍ କିଟ୍ ପ୍ରଦାନ କରୁଛନ୍ତି ଏସ୍‌ଡିପିଓ ସାଗରିକା ନାଥ।

■ ନାବାଳିକାଙ୍କୁ ଗୁଳିମାଡ଼ ଘଟଣା

# ଏଯାଏ ପୋଲିସ ହାତ ଖାଲି

ଜୟପୁର,୧୯।୪(ଡି.ଏନ୍.ଏ.)

କୋରାପୁଟ ଜିଲା ଜୟପୁର ସହରର କିଆବନ୍ଧ ସାହିଠାରେ ଗତ ୨୨ ତାରିଖ ହୋଲି ଦିନ ଅପରାହ୍ନରେ ଗୁଳିମାଡ଼ରେ ଜଣେ ନାବାଳିକା ଗୁରୁତର ହୋଇଥିଲେ। ତାଙ୍କୁ ପ୍ରଥମେ ଜୟପୁର, କୋରାପୁଟ ଏବଂ କଟକ ଏସ୍‌ସିବି ମେଡିକାଲ କଲେଜଠାରେ ଅସ୍ତ୍ରୋପଚାର ପରେ ସୁସ୍ଥ ହୋଇ ଜୟପୁର ଫେରିଥିଲେ। କିନ୍ତୁ କିଏ ଗୁଳି ଚାଳନା କରିଛି, ଏନେଇ ପୋଲିସ ଏବଂ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଥିଲା। ପୋଲିସର ତଦନ୍ତ ଜାରି ରହିଥିଲେ ସୁଦ୍ଧା କୌଣସି ଅଭିଯୁକ୍ତଙ୍କୁ ଗିରଫ କରାଯାଇପାରି ନାହିଁ। କିଆବନ୍ଧ ସାହିର ବାସିନ୍ଦା କେ. ଶ୍ରୀନିବାସନଙ୍କ ୧୧ ବର୍ଷୀୟା କେ. ନକ୍ଷେତ୍ରା ଅପରାହ୍ନ ସାଢ଼େ ୪ଟାରେ ନିଜ ଘର ସମ୍ମୁଖରେ ଠିଆ ହୋଇଥିବା ବେଳେ ତାଙ୍କ ବାମ ପିଠିରେ ଗୁଳି ବାଜି ଛାତିଦେଇ ବାହାରି ଯାଇଥିଲା। ଉକ୍ତ ଦିନ ଦୁଇସାହି ମଧ୍ୟରେ ଗୋଷ୍ଠୀ ସଂଘର୍ଷ ଘଟଇଥିଲା। ଏହାର ମୁକାବିଲା କରିବା ପାଇଁ ପୋଲିସ ଫାଙ୍କା ଗୁଳି ଚଳାଇଥିଲା। ଏଥିରେ ଗୋଟିଏ ଗୋଷ୍ଠୀର ଜଣେ ଯୁବକଙ୍କ କାନ୍ଧରେ ଗୁଳି ବାଜି ସେ ଗୁରୁତର ହୋଇଥିଲେ। ତେଣୁ ପୋଲିସର ଫାଙ୍କା ଗୁଳି ନାବାଳିକାଙ୍କ ଦେହରେ ମଧ୍ୟ ବାଜିଥିବା ପ୍ରଥମେ ସନ୍ଦେହ କରାଯାଉଥିଲା। କିନ୍ତୁ ଫାଙ୍କା ଗୁଳିଚାଳନା ସ୍ଥାନଠାରୁ ନାବାଳିକାଙ୍କ ଘର କିଆବନ୍ଧ ସାହିର ଦୂରତା ଏକ କିଲୋମିଟରରୁ ଉର୍ଦ୍ଧ୍ୱ ହୋଇଥିବା ଯୋଗୁଁ ପୋଲିସର ଗୁଳି ବାଜି ନଥିବା ସ୍ପଷ୍ଟ ହୋଇଥିଲା। ସେହିପରି ନାବାଳିକାଙ୍କୁ ବାଜିଥିବା ଗୁଳିକୁ ପୋଲିସ ଜବତ କରିଥିଲା। ଉକ୍ତ ଗୁଳି ପୋଲିସର ନୁହେଁ ବୋଲି ସ୍ପଷ୍ଟ ହେବା ପରେ ଅଧିକ ତଦନ୍ତ ଜାରି ରହିଛି। ଅନ୍ୟପକ୍ଷରେ ଗୁରୁତର ନାବାଳିକା ସୁସ୍ଥ ହେବା ପର୍ଯ୍ୟନ୍ତ ସମସ୍ତ ଖର୍ଚ୍ଚ ପୋଲିସ ବହନ କରିଥିଲା। ଗଞ୍ଜେଇ ମାଫିଆଙ୍କ ଦ୍ୱାରା ଏହିପରି ଗୁଳିକାଣ୍ଡ କରାଯାଇଥିବା ସାଧାରଣରେ ଚର୍ଚ୍ଚା ହେଉଛି। ତଦନ୍ତକାରୀ ଥାନା ଅଧିକାରୀ ବାଲେଶ୍ୱର ଗିଧି କହିଛନ୍ତି ଯେ, ଏହି ମାମଲାରେ ପୋଲିସକୁ କିଛି ସୁରାକ ମିଳିଛି। ଅତିଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ ଘଟଣାର ଖୁଲାସା କରାଯିବ ବୋଲି ସେ କହିଛନ୍ତି।




## ସଂକ୍ଷେପରେ

### କୀଟନାଶକ ପିଇ ନବବଧୂଙ୍କ ମୃତ୍ୟୁ

ବ୍ରହ୍ମପୁର ଅଫିସ,୧୯।୪-କୀଟନାଶକ ପିଇ ଚିକିତ୍ସାଧୀନ ଅବସ୍ଥାରେ ଜଣେ ନବବଧୂଙ୍କ ବଡ଼ ମେଡିକାଲରେ ଗୁରୁବାର ମୃତ୍ୟୁ ଘଟିଛି । ସେ ହେଲେ ଦିଗପହଣ୍ଡି ଥାନା ଗୋକର୍ଣ୍ଣପୁରର ମମତା ପାତ୍ର। ଶୁକ୍ରବାର ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମମତାଙ୍କ ମୃତଦେହ ପଞ୍ଚନାମା କରାଯାଇଛି। ଏ ନେଇ ନଂ.୧୮୬/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପ୍ରକାଶ ଯେ, ବଡ଼ଗଡ଼ ଥାନା ଅନ୍ତର୍ଗତ ପଦ୍ମପୁର ଗ୍ରାମର ମମତାଙ୍କର ଗୋକର୍ଣ୍ଣପୁର ଗ୍ରାମରେ ବିବାହ ହୋଇଥିଲା। କୌଣସି କାରଣରୁ ବିବାହର କିଛିଦିନ ପରେ ମମତା ବାପ ଘରକୁ ଚାଲି ଆସିଥିଲେ । ଗତ ୧୬ ତାରିଖରେ ସେ କୌଣସି କଥାକୁ ନେଇ ମାନସିକ ଭାରସାମ୍ୟ ହରାଇ କୀଟନାଶକ ପିଇ ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ତାଙ୍କ ବାପା ଓ ଭାଇ ଉଦ୍ଧାର କରି ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ରାତିରେ ତାଙ୍କର ମୃତ୍ୟୁ ଘଟିଛି ।

■ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଗାଡି ଭଡାକୁ ନେଇ ଅସନ୍ତୋଷ

# ଡ୍ରାଇଭରଙ୍କ ରାସ୍ତାରୋକୋ, ଧାରଣା

ନବରଙ୍ଗପୁର, ୧୯।୪ (ବି.ପ୍ର.)

ନବରଙ୍ଗପୁର ଜିଲାରୁ ସୋନପୁର ଜିଲାକୁ ନିର୍ବାଚନ ସକାଶେ ଶତାଧିକ ୪ଚକିଆ ଗାଡି ପଠାଯାଇଥିଲା। ତେବେ ଗାଡିଗୁଡିକ ଫେରିବା ପରେ ଭଡାକୁ ନେଇ ଡ୍ରାଇଭରମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଶୁକ୍ରବାର ଆରଟିଓ ଅଫିସ ସମ୍ମୁଖ ତଥା ୨୬ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ । ଏପରିକି ସୋନପୁର ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଗାଡି ଗୁଡିକ ଆରଟିଓ ଅଫିସ ସମ୍ମୁଖରେ ଡ୍ରାଇଭରମାନେ ରଖିଥିଲେ । ସେମାନେ ଅଭିଯୋଗ କରିଥିଲେ ଯେ, ରାୟଗଡା ଜିଲାରୁ ଯାଇଥିବା ଗାଡି ଗୁଡିକୁ ୧୩ ହଜାର ୧ଶହ ଟଙ୍କା ଭଡା ଆକାରରେ ପ୍ରଦାନ କରାଯାଇଛି । କିନ୍ତୁ ନବରଙ୍ଗପୁର ଜିଲାର ଗାଡିଙ୍କୁ ୮ ହଜାର ୭ଶହ ଟଙ୍କା ଦିଆଯାଇଛି। ନବରଙ୍ଗପୁରରୁ ସୋନପୁର ଆହୁରି ୧ଶହ କିଲୋମିଟର ଅଧିକ ଦୂର ହେବ । ରାୟଗଡା ଜିଲାର ଗାଡିକୁ



ଡ୍ରାଇଭରମାନେ ଆରଟିଓ ଅଫିସ ସମ୍ମୁଖରେ ଧାରଣାରେ ବସିଛନ୍ତି।




ରାସ୍ତାରୋକୋ ଯୋଗୁ ଯାନବାହନ ଅଟକି ରହିଛି ।

ଅଧିକ ଟଙ୍କା ଦିଆଯାଇଥିବା ବେଳେ ନବରଙ୍ଗପୁର ଜିଲାର ଗାଡିଙ୍କୁ ଭଡା କମ ଦିଆଯାଇଛି। ଏଥିସହ ଡ୍ରାଇଭର ମାନଙ୍କୁ ଖାଇବା ଖର୍ଚ୍ଚ ମଧ୍ୟ ଦିଆଗଲା ନାହିଁ। ଏନେଇ ନେଇ ଡ୍ରାଇଭରମାନେ ତୀବ୍ର ବିରୋଧ କରିଥିଲେ । ପୂର୍ବାହ୍ନ ୮ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଡ୍ରାଇଭରମାନେ ରାସ୍ତା ଅବରୋଧ କରିଥିଲେ । ନବରଙ୍ଗପୁର ଥାନା ପୋଲିସ ସମେତ ଅତିରିକ୍ତ ଏସପି ଶାନ୍ତନୁ ମହାନ୍ତି ରାସ୍ତାରୋକୋ ନିକଟରେ ପହଞ୍ଚିଥିଲେ। ନିର୍ବାଚନ ଆଚରଣ ବିଧି ଲାଗିଥିବା ସମୟରେ ବିନା ଅନୁମତିରେ ରାସ୍ତାରୋକୋ କରିପାରିବେ ନାହିଁ ବୋଲି ଆନ୍ଦୋଳନକାରୀଙ୍କୁ କହିଥିଲେ। ପରେ ଡ୍ରାଇଭରମାନେ ରାସ୍ତାରୋକୋରୁ ହଟିଥିଲେ । ଆନ୍ଦୋଳନକାରୀ ଡ୍ରାଇଭରମାନେ ପରେ ଆରଟିଓ ଅଫିସ ସମ୍ମୁଖ ଫାଟକ ନିକଟରେ ଧାରଣାରେ ବସିଥିଲେ। ଗୁଡଫ୍ରାଇଡେ ପାଇଁ କାର୍ଯ୍ୟାଳୟ ଛୁଟି ଥିବାରୁ ସେଠାରେ କର୍ମଚାରୀ କାହାରିକୁ ପାଇନଥିଲେ । ପରିସ୍ଥିତିକୁ ଦୃଷ୍ଟିରେ ରଖି ଅତିରିକ୍ତ ଆରଟିଓ ବିଭୁ ରଞ୍ଜନ ନାୟକ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିବାକୁ ପ୍ରସ୍ତୁତ ଥିଲେ । କିନ୍ତୁ ନନ୍ଦାହାଣ୍ଡି ବ୍ଲକ କଂଗ୍ରେସ ସଭାପତି ବୃନ୍ଦାବନ ତ୍ରିପାଠୀ ଆନ୍ଦୋଳନରେ ସାମିଲ ହୋଇ ନେତୃତ୍ୱ ନେବା ପରେ ଅତିରିକ୍ତ ଆରଟିଓ ଘଟଣାକୁ ରାଜନିତୀକରଣ କରାଗଲେ ସେ ଆଲୋଚନା କରିବେ ନାହିଁ ବୋଲି କହିଥିଲେ । ଏନେଇ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଡ୍ରାଇଭରମାନେ ଲିଖିତ ଅଭିଯୋଗ କରିଥିଲେ । ଆରଟିଓଙ୍କ ସହ ଆଲୋଚନା କରି ଏହାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଡ୍ରାଇଭର ମାନେ ଗାଡି ନେଇ ଫେରିଥିଲେ ।

### ଘାଟିରେ ଓଲଟିଲା ଗାଡ଼ି: ଜଣେ ମୃତ, ୧୪ ଆହତ

ଚନ୍ଦ୍ରଗିର,୧୯।୪(ଡି.ଏନ୍.ଏ.)

ଅଡବା ଥାନା ଚୁଡ଼ଙ୍ଗପୁରଠାରୁ ତୁମାଙ୍ଗପଦର ଯାଉଥିବା ଘାଟିରେ ଶୁକ୍ରବାର ସନ୍ଧ୍ୟାରେ ଏକ ଗାଡ଼ି ଓଲଟି ପଡ଼ିବାରୁ ଜଣଙ୍କର ମୃତ୍ୟୁ ଘଟିଛି। ସେ ହେଲେ ଦାନି ମାଝି (୩୪)। ଆହତ ଏଲିଆଜର ମାଝି, ସ୍ନେହା ମାଝି, ସୁଲମ ମାଝି, ଓ୍ୱେଲସନ ମାଝି, ସୁମିଳା ମାଝି, ଜସ୍ମିତା ମାଝି, ଧନୁଜୟ ମାଝି, ସୁରେଜ ମାଝି, ଅରୁପା ମାଝି, ଏଲିସୟା ମାଝି, ମୋହିନା ମାଝି, ହନକ ମାଝି, ସୁଲଭି ମାଝି, ସୁମନି ମାଝିଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ଚନ୍ଦ୍ରଗିରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଧନୁଜୟଙ୍କୁ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଥିବା ଡାକ୍ତର ଉଲ୍ଲାସ ରାଉତ କହିଛନ୍ତି।ପ୍ରକାଶ ଯେ, ଚୁଡଙ୍ଗପୁରରୁ ତୁମାଙ୍ଗପଦରର ପ୍ରାୟ ୨୦–୨୫ଜଣ ଯାତ୍ରୀଙ୍କୁ ନେଇ ଏକ ଟାଟା ମ୍ୟାଜିକ୍ ଯାଉଥିଲ। ଘାଟିରେ ଚଢୁଥିବା ବେଳେ ଗାଡ଼ିଟି ଭାରସାମ୍ୟ ହରାଇ ତଳକୁ ଓଲଟି ପଡ଼ିଥିଲା। ଫଳରେ ଘଟଣାସ୍ଥଳରେ ଦାନିଙ୍କ ମୃତ୍ୟୁ ଘଟିଥିଲା। ଓଭର ଲୋଡିଂ ଦ୍ୱାରା ଏପରି ଘଟିଥିବା ଜଣାପଡ଼ିଛି।

# ‘ଗାନ୍ଧୀଙ୍କ ସହ ଗୋଟିଏ ରାତି’, ‘ସମ୍ରାଟ ଭିକ୍ଷୁକେଶ୍ୱର ରାଉଳ’ ନାଟକ ମଞ୍ଚସ୍ଥ

ଦାମନଯୋଡ଼ି,୧୯।୪(ଡି.ଏନ୍.ଏ./ସ୍ୱ.ପ୍ର.)

## ପଞ୍ଚପଟ୍ଟମାଳି ନାଟ୍ୟ ମହୋତ୍ସବର ୫ମ ସନ୍ଧ୍ୟା

ପଞ୍ଚଦଶ ପଞ୍ଚପଟ୍ଟମାଳୀ ନାଟ୍ୟ ମହୋତ୍ସବର ୫ମ ସନ୍ଧ୍ୟାରେ ୨ଟି ନାଟକ ପରିବେଷିତ ହୋଇଛି। ପ୍ରଥମ ନାଟକ ‘ଗାନ୍ଧୀଙ୍କ ସହ ଗୋଟିଏ ରାତି’ ମଞ୍ଚସ୍ଥ କରିଥିଲା ଭୁବନେଶ୍ୱରର ତରଙ୍ଗ ଥିଏଟର। ଜିତେନ୍ଦ୍ରନାଥ ମହାପାତ୍ରଙ୍କ ରଚନା ଓ ଜ୍ଞାନରଞ୍ଜନ ସାଥୁଆ ନିର୍ଦ୍ଦେଶନା ଦେଇଥିଲେ। ସ୍ୱାଧୀନତାର ଅନେକ ବର୍ଷ ପରେ ଆଜି ବି ବହୁ ଲୋକଙ୍କ ମୁଣ୍ଡରେ ଛାତ ନାହିଁ। ସେମିତି ଜଣେ ନିରାଶ୍ରୟ ଭିକ୍ଷୁକ ହେଉଛନ୍ତି ସନିଆ ଯିଏ ଗୋଟିଏ ରାତି ଗାନ୍ଧିଛକର ଗାନ୍ଧୀ ମଣ୍ଡପରେ ଆଶ୍ରୟ ନେଇଛନ୍ତି। ସେହି ରାତି ଘଟଣାକୁ ନେଇ ନାଟକ ‘ଗାନ୍ଧୀଙ୍କ ସହ ଗୋଟିଏ ରାତି’ ଗତିଶୀଳତ ହୋଇଛି। ବିଭିନ୍ନ ଭୂମିକାରେ ସୁରଜିତ, ଜ୍ଞାନ, ମନ୍ମଥ, ସୌମ୍ୟ, ମଞ୍ଜୁସ, ନିଳାଦ୍ରୀ, ଶ୍ରୀତମ, ରଶ୍ମି ଅଭିନୟ କରିଛନ୍ତି।

ଦ୍ୱିତୀୟ ନାଟକ ‘ସମ୍ରାଟ ଭିକ୍ଷୁକେଶ୍ୱର ରାଉଳ’ ମଞ୍ଚସ୍ଥ କରିଛନ୍ତି ଢେଙ୍କାନାଳ ସପ୍ତରଙ୍ଗ ନାଟ୍ୟଦଳ। ଅଧ୍ୟାପକ ସୁଧାଂଶୁ କୁମାର ବେହେରାଙ୍କ ରଚନା ଓ ନିର୍ଦ୍ଦେଶରେ ପ୍ରଣବ ଷଡ଼ଙ୍ଗୀ ଓ ଗଣେଶ ମିଶ୍ର ସଙ୍ଗୀତ ଦେଇଥିଲେ। ଦୁଇ ଭିକାରୀ ବନ୍ଧୁ। ଜଣେ ଅନ୍ଧ ଓ ଅନ୍ୟ ଜଣେ ଛୋଟା। ଦୁହେଁ ସାଙ୍ଗହୋଇ ଭିକ ମାଗନ୍ତି। ଅନ୍ୟ ବାଡ଼ିରୁ ଅମୃତଭଣ୍ଡା ଚୋରି କରନ୍ତି। ସହରର ଟ୍ରାଫିକ ପୋଷ୍ଟ ପାଖରେ ସେମାନଙ୍କ ଭିକ ମାଗିବା ସ୍ଥାନ। ସେହି ବାଟେ ଯାଉଥିବା ଧୋବଧବଳିଆ ବାବୁଙ୍କୁ ସେମାନେ ଭିକ ମାଗନ୍ତି। ଗାଳି ଶୁଣନ୍ତି। ଉପଦେଶ ମଧ। ଏହି ଦୁଇ ଭିକାରୀ ଏସବୁ ଲୋକଙ୍କ ପ୍ରକୃତ ମୁଖା ଖୋଲନ୍ତି ନାଟକରେ। ହାସ୍ୟରସାତ୍ମକ ଏହି ନାଟକରେ ବିଭିନ୍ନ ଲୋକବାଦ୍ୟ ଓ ଲୋକନୃତ୍ୟ ପ୍ରବେଶ କରାଯାଇ ପରୀକ୍ଷାମୂଳକ ପ୍ରୟୋଗ କରାଯାଇଥିଲା। ଏଥିରେ ବ୍ରଜମୋହନ ସାହୁ, ଦିଲ୍ଲୀପ ସାହାଣୀ, ନିଶିକାନ୍ତ ସାହୁ, ଚିତ୍ତରଞ୍ଜନ ସାହୁ, ସନ୍ଦୀପ ଦାଶ, ନବୀନ କୁମାର ପ୍ରଧାନ, ସରୋଜ ପାଢ଼ୀ, ପ୍ରଣବ ଷଡ଼ଙ୍ଗୀ, ସ୍ମିତା ନାଥ ଓ ସନ୍ତୋଷ ନାୟକ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ। ନାଟ୍ୟ ମହୋତ୍ସବର ୫ମ ସନ୍ଧ୍ୟାରେ ମଞ୍ଚରେ କୋରାପୁଟ ଜିଲା ବନଖଣ୍ଡ ଅଧିକାରୀ ପୂର୍ଣ୍ଣିମା ପି. ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଶ୍ରୀଧର ପରିଡ଼ା, ନିର୍ମଳ କୁମାର ରାଉତ ମଞ୍ଚ ସଂଯୋଜନା କରିଥିଲେ। ମଞ୍ଚ ବାହାରେ ଖାଦ୍ୟମେଳା ଓ ହସ୍ତଶିଳ୍ପ ମେଳାରେ ଲୋକଙ୍କ ଭିଡ଼ ଜମିଥିଲା।



ଗାନ୍ଧୀଙ୍କ ସହ ଗୋଟିଏ ରାତି ନାଟକର ଏକ ଦୃଶ୍ୟ ।

# ଚର୍ଚ୍ଚକୁ ନେଇ ଥମୁନି ବିବାଦ

## ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ପ୍ରଥମ ପକ୍ଷ



ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିବା ପ୍ରଥମ ପକ୍ଷର ଲୋକମାନେ।

ନବରଙ୍ଗପୁର,୧୯।୪(ବି.ପ୍ର)

ନବରଙ୍ଗପୁର ଜିଲା ଉମରକୋଟ ଜେଇଏଲସି ଚର୍ଚ୍ଚରେ ଦୁଇ ଗୋଷ୍ଠୀକୁ ନେଇ ବିବାଦ ଦେଖାଦେଇଛି । ଜେଇଏଲସି ଚର୍ଚ୍ଚରେ ପ୍ରାର୍ଥନାକୁ ନେଇ ଦୁଇ ପକ୍ଷ ମଧ୍ୟରେ ବିବାଦ ଦେଖା ଦେଇଥିଲା । ଗୁଡଫ୍ରାଇଡେ ଓ ଇଷ୍ଟର ପର୍ବକୁ ଦୃଷ୍ଟିରେ ରଖି ନବରଙ୍ଗପୁର ଉପଜିଲାପାଳଙ୍କ କୋର୍ଟ ପକ୍ଷରୁ ଉଭୟ ପକ୍ଷଙ୍କୁ ପୃଥକ ସମୟ ଦିଆଯାଇଥିଲା । ଉପଜିଲାପାଳଙ୍କ ରାୟରେ ପଥମ ପକ୍ଷ ହିମାଂଶୁ ଶେଖର ଚାନ୍ଦ ଓ ଅନ୍ୟ ମାନେ ରହିଥିଲେ । ଦ୍ୱିତୀୟ ପକ୍ଷରେ ଖ୍ରୀଷ୍ଟ ଚନ୍ଦ୍ର ଟାକ୍ରୀ ଓ ଅନ୍ୟମାନେ ରହିଛନ୍ତି।। ଶୁକ୍ରବାର ଗୁଡ ଫ୍ରାଇଡେ ଦିବସ ଉପଲକ୍ଷେ ପ୍ରଥମ ପକ୍ଷକୁ ଚର୍ଚ୍ଚରେ ପ୍ରାର୍ଥନା କରିବା ପାଇଁ ପୂର୍ବାହ୍ନ ୮ଟାରୁ ୧୦ଟା ପର୍ଯ୍ୟନ୍ତ, ଦ୍ୱିତୀୟ ପକ୍ଷକୁ ପୂର୍ବାହ୍ନ ୧୧ଟାରୁ ଗୋଟାଏ ପର୍ଯ୍ୟନ୍ତ ପ୍ରାର୍ଥନା କରିବାକୁ ସମୟ ଦିଆଯାଇଥିଲା । ସେହଭଳି ଅପରାହ୍ନ ୨ଟାରୁ ୩ଟା ପର୍ଯ୍ୟନ୍ତ ଉଭୟ ପକ୍ଷ ଚର୍ଚ୍ଚରେ ରହି ପ୍ରାର୍ଥନା କରିବେ । ଇଷ୍ଟର ପର୍ବ ୨୧ ତାରିଖରେ ପଥମ ପକ୍ଷଙ୍କୁ ପୂର୍ବାହ୍ନ ୮ଟାରୁ ୧୦ଟା ଓ ଦ୍ୱିତୀୟ ପକ୍ଷଙ୍କୁ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ସମୟ ଦିଆଯାଇଛି । ଆସନ୍ତା ୨୩ ତାରିଖରେ ପୁଣି ଥରେ ଶୁଣାଣି ପାଇଁ ସମୟ ଧାର୍ଯ୍ୟ କରାଯାଇଥିଲା । ଶୁକ୍ରବାର ପ୍ରଥମ ପକ୍ଷ ଅଭିଯୋଗ କରିଥିଲେ ଯେ ଗୁଡ ଫ୍ରାଇଡେ ପାଇଁ ଉପଜିଲାପାଳଙ୍କ କୋର୍ଟ ପ୍ରଥମ ପକ୍ଷକୁ ପୂର୍ବାହ୍ନ ୮ଟାରୁ ୧୦ଟା ପର୍ଯ୍ୟନ୍ତ ସମୟ ଦିଆଯାଇଥିଲା । ସେହି ସମୟକୁ ଭିତ୍ତି କରି ଯେତେବେଳେ ଚର୍ଚ୍ଚକୁ ପ୍ରାର୍ଥନା ପାଇଁ ଯାଇଥିଲେ , ସେହି ସମୟରେ ଚର୍ଚ୍ଚରେ ତାଲା ଖୋଲା ଯାଇନଥିଲା । ତାଲା ଖୋଲିବା ପାଇଁ ଉମରକୋଟ ଥାନା ଓ ତହସିଲଦାରଙ୍କ ଦୃଷ୍ଟିକୁ ଅଣାଯାଇଥିଲା । କିନ୍ତୁ ଚର୍ଚ୍ଚର ତାଲା ଖୋଲାଯାଇ ପାରିଲା ନାହିଁ । ସେଥିପାଇଁ ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିଲୁ। କିନ୍ତୁ ଗୁଡଫ୍ରାଇଡେ ଯୋଗୁ ଛୁଟି ଥିବାରୁ ଜିଲାପାଳଙ୍କୁ ସାକ୍ଷାତ କରି ପାରି ନ ଥିଲେ ବୋଲି କହିଛନ୍ତି । ନ୍ୟାୟ ପାଇଁ ଜିଲାପାଳ ଓ ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛୁ ବୋଲି ପ୍ରଥମ ପକ୍ଷରୁ ରେଭ ହିମାଂଶୁ ଶେଖର ଚାନ୍ଦ, ସୁରଜ କୁମାର ପାତ୍ର, ରାଜେନ୍ଦ୍ର ସୁରିୟା, ସୁଜାତା ନାଗ ପ୍ରମୁଖ ଜଣାଇଛନ୍ତି।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

## ସଂକ୍ଷେପରେ



### ଶବର ସାଂସ୍କୃତିକ ସଂଘର ବୈଠକ

**ଗୁଣପୁର,୧୯।୪(ଡି.ଏନ.ଏ):** ଗୁଣପୁରଠାରେ ଶୁକ୍ରବାର ଶବର ସାଂସ୍କୃତିକ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଶବର ସଂସ୍କୃତିର ପ୍ରଚାର ପ୍ରସାର ସହ ଭାଷା ଏବଂ ଲିପିର ବିକାଶ ଉପରେ ଆଲୋଚନା ହୋଇଥିଲା। ସଂଘ ସଭାପତି ଚକ୍ରପାଣି ଶବର, ରାମ ପ୍ରସାଦ ଗମାଙ୍ଗ,କାମେଶୁ ଶବର, ଗାଙ୍ଗରାଜୁ ଶବର, ବିଦ୍ୟାଧର ଶବର, କାହ୍ନୁ ଶବର, କୃଷ୍ଣ ଶବର,ରୋଇଦାସ ଶବର, ଗୁଣା ଶବର ପ୍ରମୁଖ ଉପସ୍ଥିତ ରହି ଆଗାମୀ କାର୍ଯ୍ୟପନ୍ଥା ନେଇ ଆଲୋଚନା କରିଥିଲେ। ଆନ୍ଧ୍ର ଏବଂ ଓଡିଶା ସୌରାଭାଷା ଏବଂ ପ୍ରଚାର ସମିତିର ଲୋକମାନେ ବୈଠକରେ ଯୋଗ ଦେଇଥିଲେ ।

### ଶିକ୍ଷକଙ୍କୁ ଆର୍‌ଏସିପି, ଏମ୍‌ଏସିପି ଅର୍ଥ ପ୍ରଦାନ ଦାବି

**କୋଲନରା, ୧୯।୪(ଡି.ଏନ୍.ଏ):** ରାୟଗଡା ଜିଲା କୋଲନରା ବ୍ଲକ୍‌ର ଶତାଧିକ ଶିକ୍ଷୟିତ୍ରୀଶିକ୍ଷକ ଆର୍‌ଏସିପି ଓ ଏମ୍‌ଏସିପି ଅର୍ଥ ପାଇବାରୁ ବଞ୍ଚିତ ରହିଛନ୍ତି। ଏନେଇ ଗତ ୧୮ତାରିଖରେ ପ୍ରାଥମିକ ଶିକ୍ଷକ ସଂଘ ରାୟଗଡା ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ସଂଘ ସଭାପତି ତ୍ରିନାଥ ପାଢ଼ୀ ଜଣାଇଛନ୍ତି ଯେ, ୨୦୧୩ରୁ ଶତାଧିକ ଶିକ୍ଷୟିତ୍ରୀଶିକ୍ଷକଙ୍କର ଆର୍‌ଏସିପି ଅର୍ଥ ଅନୁମୋଦନ ନ ହୋଇ ପଡିରହିଛି । ୨୦୧୮ରୁ ଏମ୍‌ଏସିପି ଅର୍ଥ ମଧ ଅନୁମୋଦନ ହୋଇ ଆସିପାରୁନାହିଁ। ତେଣୁ ବିଭାଗ ଏଥିପ୍ରତି ତତ୍ପରତା ପ୍ରକାଶ କରି ତୁରନ୍ତ ଅର୍ଥ ପ୍ରଦାନ ପାଇଁ ପଦକ୍ଷେପ ନେବାକୁ ଉକ୍ତ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ତେଣୁ ଜିଲା ଶିକ୍ଷାଧିକାରୀ ଏ ଦିଗରେ ପଦକ୍ଷେପ ନେଇ ଶିକ୍ଷକଙ୍କର ଅର୍ଥ ଅନୁମୋଦନ କରି କିପରି ମିଳିପାରିବ ସେ ଦିଗରେ ପଦକ୍ଷେପ ନେବା ପାଇଁ ସଂଘ ପକ୍ଷରୁ ଦାବି କରାଯାଇଛି।

### ରେକର୍ଡ ରାଜସ୍ୱ ଆଦାୟ୍ କଲା କୋରାପୁଟ ତହସିଲ

**କୋରାପୁଟ,୧୯।୪(ସ୍ୱ.ପ୍ର.):** ୨୦୧୮-୧୯ ଆର୍ଥିକ ବର୍ଷରେ କୋରାପୁଟ ତହସିଲରେ ୧୧ କୋଟି ୯୨ ଲକ୍ଷ ୩୫ ହଜାର ୧୭୩ ଟଙ୍କା ରାଜସ୍ୱ ଆଦାୟ୍ ହୋଇଛି । ୨୦୧୮-୧୯ରେ ଖଜଣା ଓ ସେସ୍ ବାବଦରେ ୩ ଲକ୍ଷ ୧୬ ହଜାର ୯୫୦ ଟଙ୍କା ଲକ୍ଷ୍ୟ ଧାର୍ଯ୍ୟ ରଖାଯାଇଥିବାବେଳେ ୩ ଲକ୍ଷ ୮୮ ହଜାର ୧୧୯ ଟଙ୍କା ଆଦାୟ୍ କରାଯାଇଛି। ଏହା ଲକ୍ଷ୍ୟଧାର୍ଯ୍ୟର ୧୨୨ ପ୍ରତିଶତ। ସେହିପରି ରୟାଲିଟି ଓ ଅନ୍ୟ ରାଜସ୍ୱ ବାବଦରେ ୩ କୋଟି ୭୪ ଲକ୍ଷ ୭୨ ହଜାର ୩୭୨ ଟଙ୍କା ଲକ୍ଷ୍ୟଧାର୍ଯ୍ୟ ଥିବାବେଳେ ୧୧ କୋଟି ୮୮ ଲକ୍ଷ ୪୬ ହଜାର ୩୮୨ ଟଙ୍କା ଆଦାୟ୍ କରାଯାଇଛି ଯାହା ଟାର୍ଗେଟ୍‌ର ୩୧୭ ପ୍ରତିଶତ ଅଟେ। କୋରାପୁଟ ତହସିଲ ରାଜସ୍ୱ ଆଦାୟରେ ଏଭଳି ରେକର୍ଡ କରିଥିବାବେଳେ ରାଜସ୍ୱ ନୀରିକ୍ଷକ, ସହକାରୀ ରାଜସ୍ୱ ନିରୀକ୍ଷକ, ସୁପରଭାଇଜରଙ୍କ ସମେତ ତହସିଲର ସମସ୍ତ କର୍ମଚାରୀଙ୍କ ଉଦ୍ୟମ ଯୋଗୁଁ ଏହି ସଫଳତା ମିଳିଥିବା ତହସିଲଦାର ନେହେରୁ ମାଝି କହିଛନ୍ତି।

### ଟ୍ରାଫିକ ପୋଲିସଙ୍କୁ ମିଳିଲା କୁଲ୍ କିଟ୍

**ଜୟପୁର,୧୯।୪(ଡି.ଏନ୍.ଏ./ନି.ପ୍ର.):** କୋରାପୁଟ ଜିଲା ଜୟପୁର ଟାଉନଥାନା ପକ୍ଷରୁ ଉଭୟ ସାଧାରଣ ଜନତା ଓ ଟ୍ରାଫିକ ପୋଲିସଙ୍କ ପାଇଁ ଖରାଦାଉରୁ ବର୍ତ୍ତିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିଛନ୍ତି । ସହରରେ କାର୍ଯ୍ୟରତ ୧୦ ଜଣ ଟ୍ରାଫିକ ପୋଲିସଙ୍କୁ ଗ୍ରୀଷ୍ମ ପାଇଁ କୁଲ୍‌କିଟ ଦିଆଯିବା ସହ ଥାନା ସମ୍ମୁଖରେ ଜଳଛତ୍ରର ଶୁଭାରମ୍ଭ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏସ୍‌ଡିପିଓ ସାଗରିକା ନାଥ କୁଲ୍ କିଟ ପ୍ରଦାନ କରିଥିଲେ। ଏହି କିଟ୍‌ରେ ଗୋଟିଏ ପାଣି ବୋତଲ, ପ୍ୟାକେଟ ଫଳରସ, ଛତା, ମାସ୍କ ରହିଛି । ଅସ୍ଥାୟୀ ଭାବେ ଟ୍ରାଫିକ ପୋଷ୍ଟରେ ନିୟୋଜିତ ୩୫ ଜଣ ଷ୍ଟୁଡେଣ୍ଟ ଭଲ୍ୟୁଣ୍ଟିୟରଙ୍କୁ ଏହି କିଟ୍ ଦିଆଯିବ ବୋଲି ଏସ୍‌ଡିପିଓ ସାଗରିକା କହିଛନ୍ତି। ସେହିପରି ସାଧାରଣ ଲୋକ ଓ ପଥଚାରୀଙ୍କ ପାଇଁ ଜଳଛତ୍ରର ଶୁଭାରମ୍ଭ କରାଯାଇଥିଲା। ଏହି ଜଳଛତ୍ରରେ ପିଇବା ପାଣି ଓ ଲେମ୍ବୁ, ଲୁଣ ଓ ଚିନି ମିଶ୍ରିତ ଜଳ ରଖାଯାଇଛି । ସପ୍ତାହରେ ୨ଦିନ ଦହିଚଲା ଦିଆଯିବ।

# ଜେଏସ୍‌କେ ଜମିରେ ନୋଟିସ ଜାରିକଲା ଏନ୍‌ସିଏଲ୍‌ଟି

**ରାୟଗଡା ଅଫିସ୍, ୧୯।୪**


POSESSION NOTICE
THIS PROPERTY IS UNDER THE POSESSION OF IRP WITH REFERENCE TO NCLT ORDER NO. CP/1307/IB/2018
TRESPASS WILL BE PROCECUTED
SD/-
INSOLVENCY RESOLUTION PROFESSIONAL APPOINTED BY NCLT

କମ୍ପାନୀ ଫାଟକରେ ଲଗାଯାଇଥିବା ନୋଟିସ୍।

ଜେଏସ୍‌କେ (ଜୟପୁର ସୁଗାର କମ୍ପାନୀ) ନିଜ କବ୍‌ଜାରେ ରଖିଥିବା ସରକାରୀ ଜମି ଉପରେ ଏନ୍‌ସିଏଲ୍‌ଟି(ନ୍ୟାଶନାଲ କମ୍ପାନୀ ଲ ଟ୍ରିବ୍ୟୁନାଲ) ପକ୍ଷରୁ ନୋଟିସ ଜାରି ହୋଇଛି । ଚେନ୍ନାଇର କୌଣସି ବ୍ୟାଙ୍କଠାରୁ ଋଣ ନେବାପରେ ସମ୍ପୃକ୍ତ ବ୍ୟାଙ୍କ ପକ୍ଷରୁ ଏନ୍‌ସିଏଲ୍‌ଟି ଦ୍ୱାରା ଜାରି ହୋଇଥିବା ନୋଟିସ ଜୟପୁର ସୁଗାର କମ୍ପାନୀ ଫାଟକରେ ଲଗାଯାଇଛି । ତେବେ କେଉଁ ବ୍ୟାଙ୍କରୁ କେତେ ଋଣ ନିଆଯାଇଛି ତାହାର ସୂଚନା ମିଳିନାହିଁ। କାରଖାନାରେ ଚିନି ଉତ୍ପାଦନ ହେଉ ନ ଥିବା ବେଳେ କାରଖାନା କବ୍‌ଜାରେ ଥିବା ୭୮୭.୮୩୦ ଏକର ଜମି ବିଭିନ୍ନ ବିକାଶମୂଳକ କାର୍ଯ୍ୟରେ ବାଧକ ସାଜିଛି । ଏନେଇ ୧୯୯୨ରୁ କାରଖାନା କର୍ତ୍ତୃପକ୍ଷ ଏବଂ ସ୍ଥାନୀୟ ବ୍ୟକ୍ତିବିଶେଷଙ୍କ ମଧ୍ୟରେ ମକଦ୍ଦମା ଚାଲିଛି । ଉକ୍ତ ଜମି ସରକାରୀ ଖାତାକୁ ଫେରିଆସିବ ବୋଲି ସାଧାରଣ ଜନତା ଚାହିଁରହିଥିବା ବେଳେ ଚେନ୍ନାଇସ୍ଥିତ କୌଣସି ବ୍ୟାଙ୍କରୁ ନେଇଥିବା ଋଣକୁ ନେଇ କାରଖାନା ପରିସରରେ ଲାଗିଥିବା ଏନ୍‌ସିଏଲ୍‌ଟିର ନୋଟିସ ଲୋକଙ୍କ ନିଦ ହଜାଇ ଦେଇଛି।

୧୯୩୬ରେ ପଶ୍ଚିମ ଗୋଦାବରୀ ଅଞ୍ଚଳରୁ ଜଣେ ବ୍ୟବସାୟୀ ଆସି ରାୟଗଡାଠାରେ ଚିନି କାରଖାନା ନିର୍ମାଣ ପାଇଁ ପଦକ୍ଷେପ ନେଇଥିଲେ । ପରେ କେତେକ ଚାଷୀଙ୍କୁ ନେଇ ସରକାରଙ୍କ ଜମିକୁ ନିଜ ଅକ୍ତିଆରକୁ ଆଣି ଆଖୁଚାଷ ଆରମ୍ଭ କରିଥିଲେ । କାରଖାନାରେ ଚିନିର ଉତ୍ପାଦନ ମଧ୍ୟ ଆରମ୍ଭ ହୋଇଥିଲା। ପରେ ଆଖୁ ଅଭାବ ହେବାରୁ କାରଖାନାରେ ଉତ୍ପାଦନ ବ୍ୟାଘାତ ହୋଇଥିଲା । ୧୯୯୨ରେ କାରଖାନାର ସମସ୍ତ ଯନ୍ତ୍ରାଂଶକୁ ମରାମତି ନାମରେ ଆନ୍ଧ୍ରପ୍ରଦେଶକୁ ସ୍ଥାନାନ୍ତର କରାଯିବା ପରେ ସେହିଦିନଠାରୁ କାରଖାନା ଅଚଳ ହୋଇ ପଡି ରହିଛି । କିନ୍ତୁ କାରଖାନା କର୍ତ୍ତୃପକ୍ଷ ସମସ୍ତ ସରକାରୀ ଜମିକୁ ନିଜ ଅଧୀନରେ ରଖିବା ପାଇଁ ଏବେବି ଉତ୍ପାଦନ ହେଉଥିବା ଦର୍ଶାଇ କୋର୍ଟରେ ମକଦ୍ଦମା ଦାଖଲ କରିଛନ୍ତି । ଏହାକୁ ନେଇ ବିଭିନ୍ନ ସମୟରେ ସାଧାରଣ ଜନତାଙ୍କ ସ୍ୱର ଉଠିଥିବା ବେଳେ ରାୟଗଡା ନାଗରିକ ମଞ୍ଚ ମଧ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଛନ୍ତି । ଜିଲାର ବିକାଶ ପାଇଁ ପ୍ରାୟ ୧୧୮୮ଏକର ଜମି ଆବଶ୍ୟକ ରହିଥିବା ବେଳେ କାରଖାନା ନିଜ କବ୍‌ଜାରେ ରଖିଥିବା ୭୮୭ଏକର ଜମିକୁ ଫେରାଇବା ପାଇଁ କୋର୍ଟଙ୍କୁ ନାଗରିକ ମଞ୍ଚ ନିବେଦନ କରିଛନ୍ତି । ତେବେ ଫ୍ୟାକ୍ଟ୍ରି ଆଣ୍ଡ ବଏଲର ବିଭାଗ ୧୯୯୪ରୁ ଅନୁଧ୍ୟାନ କରିବା ପରେ କ୍ରମାଗତ ଭାବେ କାରଖାନା ବନ୍ଦ ରହିଥିବା ନିଜ ରିପୋର୍ଟରେ ଉଲ୍ଲେଖ କରିଛନ୍ତି । ସେହିପରି ଆଞ୍ଚଳିକ ପ୍ରଦୂଷଣ କାର୍ଯ୍ୟାଳୟ ମଧ ସମାନ ରିପୋର୍ଟ ପ୍ରଦାନ କରିଛନ୍ତି । ସେଠାରେ କୌଣସି ଉତ୍ପାଦନ ହେଉନାହିଁ ବୋଲି ନିଜ ରିପୋର୍ଟ ଦାଖଲ କରିଥିବା ବେଳେ କାର୍ଯ୍ୟାଳୟ ପକ୍ଷରୁ କୌଣସି ସୂଚନା ନ ଥିବା ବାଣିଜ୍ୟକର ବିଭାଗର ରିପୋର୍ଟରୁ ଜଣାପଡିଛି । ଅପରପକ୍ଷରେ ବିଦ୍ୟୁତ୍ ବିଭାଗ ମଧ କାରଖାନା ପାଇଁ କୌଣସି ସଂଯୋଗ ନାହିଁ ବୋଲି ନିଜ ରିପୋର୍ଟରେ ଉଲ୍ଲେଖ କରିଛନ୍ତି । ଏହି ଜମି ବିବାଦକୁ ନେଇ ସୁପ୍ରିମକୋର୍ଟ ସ୍ଥାନୀୟ ରାଜସ୍ୱ ବିଭାଗକୁ ସ୍ଥିତି ପରଖି ନିଷ୍ପତ୍ତି ନେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ରାୟଗଡା ତହସିଲଦାର ୩୦।୯।୨୦୧୪ରେ କ୍ଷେତ୍ର ପରିଦର୍ଶନ କରି କାରଖାନା ଅଧୀନରେ ଥିବା ୭୮୭.୮୩୦ଏକର ଜମିରୁ ୫୦୬.୬୯୦ଏକର ସରକାରଙ୍କୁ ଫେରାଇବା ପାଇଁ ରାୟ ଦେଇଥିଲେ । ବାକି ୨୮୦ଏକର ଜମି ନିଜ ବ୍ୟବହାର ପାଇଁ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ କାରଖାନା କର୍ତ୍ତୃପକ୍ଷ ରିଭିଜନ ମାମଲା ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ରୁଜୁ କରିବା ପରେ ୬।୪।୨୦୧୫ରେ ହାଇକୋର୍ଟରୁ ସ୍ଥଗିତାଦେଶ ଆଣିଥିବା ଜଣେ ଆଇନ୍‌ଜୀବୀ କେଦାରନାଥ ପଣ୍ଡା କହିଛନ୍ତି । ୪୦ବର୍ଷରୁ ଅଧିକ ସମୟ ଧରି ମାମଲା କୋର୍ଟରେ ବିଚାରାଧୀନ ରହିଥିବା ବେଳେ କାରଖାନା କର୍ତ୍ତୃପକ୍ଷ କିଭଳି ବ୍ୟାଙ୍କରୁ ଋଣ ଆଣି ଜମିକୁ ବନ୍ଧକ ରଖିଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି ।


ଯାତ୍ରୀମାନେ ଟ୍ରେନ୍‌କୁ ଅପେକ୍ଷା କରିଛନ୍ତି ।

## ଯାନ୍ତ୍ରିକ ତ୍ରୁଟି: ଟ୍ରେନ ଚଳାଚଳ ବାଧାପ୍ରାପ୍ତ

**କଲ୍ୟାଣସିଂହପୁର,୧୯।୪(ଡି.ଏନ.ଏ)**

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ ଶିକରପାଇ ଷ୍ଟେଶନଠାରୁ ମାତ୍ର ୨ କିମି ଦୂରରେ ଶୁକ୍ରବାର ସକାଳେ ରାୟଗଡ଼ାରୁ ଦାମନଯୋଡ଼ି ଯାଉଥିବା ଏକ କୋଇଲା ବୋଝେଇ ଟ୍ରେନର ଇଞ୍ଜିନରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା । ଫଳରେ ଟ୍ରେନଟି ଅଟକି ରହିଥିଲା । ଲାଇନ ଜାମ ରହିବାରୁ ଭାଲୁମାସ୍କା ଷ୍ଟେଶନରେ କୋରାପୁଟ-ବିଶାଖାପାଟଣା ଡିଏମୟୁ, କୋରାପୁଟରୁ ହାୱଡ଼ା ଯାଉଥିବା ସମଲେଶ୍ୱରୀ ଟ୍ରେନ ଶିକରପାଇ ଷ୍ଟେଶନରେ ଅଟକି ରହିଥିଲା । ସେହିପରି ବିଶାଖାପାଟଣା-କୋରାପୁଟ ଡିଏମୟୁ କୋରାପୁଟ ଷ୍ଟେଶନରେ ଅଟକି ରହିଥିଲା । ଫଳରେ ଯାତ୍ରୀମାନେ ପୂର୍ବାହ୍ନ ୮ଟା ୪୦ରୁ ମଧ୍ୟାହ୍ନ ସାଢେ ୧ଟା ପର୍ଯ୍ୟନ୍ତ ଭୀଷଣ ତାତିରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଶେଷରେ ଶିକରପାଇ ଷ୍ଟେଶନର ଏକ ଇଞ୍ଜିନ ଆସି ଉକ୍ତ ମାଲବାହୀ ଟ୍ରେନକୁ ହଟାଇବା ପରେ ଟ୍ରେନ ଚଳାଚଳ ସ୍ୱାଭାବିକ ହୋଇଥିଲା ।

# ବ୍ୟକ୍ତିତ୍ୱ ବିକାଶ ଶିବିର ଉଦ୍‌ଯାପିତ


ଶିବିରରେ ଯୋଗ ଦେଇଥିବା ଛାତ୍ରୀଛାତ୍ର ।

**ଗୁଣପୁର,୧୯।୪(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ୫ ଦିନ ଧରି ଚାଲିଥିବା ବ୍ୟକ୍ତିତ୍ୱ ବିକାଶ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି । ଏହି ଶିବିରରେ ୬ଷ୍ଠରୁ ୯ମ ଶ୍ରେଣୀ ମଧ୍ୟରେ ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲେ । ଶାରୀରିକ, ବୌଦ୍ଧିକ, ଯୋଗ, ପ୍ରାଣାୟାମ କରାଯାଇଥିଲା । ସୀମାଞ୍ଚଳ କର, ନରସିଂହ ପଟ୍ଟନାୟକ, ପ୍ରଭାତ ମହାପାତ୍ର, ସଂଯୁକ୍ତା ନାୟକ, ଜଗନ୍ନାଥ ପଟ୍ଟନାୟକ ସ୍ୱାଧୀନତା ସଂଗ୍ରାମୀଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ । ପ୍ରତିଭା ରଥ, ରାଜେଶ ପୃଷ୍ଟି, ପ୍ରବିଣ କୁମାର ରାଜୁ ପ୍ରମୁଖ ପରିଚାଳନା କରିଥିବା ବେଳେ ବିବେକାନନ୍ଦ କନ୍ୟାକୁମାରୀ ଶାଖା ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ୬୦ ଜଣ ଛାତ୍ରୀଛାତ୍ର ଏଥିରେ ଯୋଗ ଦେଇଥିଲେ ।

## ଖରା ସାଙ୍ଗକୁ ଅତିଷ୍ଠ କରୁଛି ବିଦ୍ୟୁତ୍ କାଟ

**ପାରଳାଖେମୁଣ୍ଡି, ୧୯।୪ (ସ୍ୱ.ପ୍ର.)**

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସହରରେ ଗ୍ରୀଷ୍ମ ପ୍ରବାହ ଦିନକୁ ଦିନ ବଢିବାରେ ଲାଗିଛି । ଏହା ସାଙ୍ଗକୁ ଘନ ଘନ ବିଦ୍ୟୁତ୍ କାଟ ବୋଝ ଉପରେ ନଳିତା ବିଡ଼ା ଭଳି ଲୋକଙ୍କ ସମସ୍ୟାକୁ ଦ୍ୱିଗୁଣିତ କରୁଛି । ସନ୍ଧ୍ୟାରେ ଏହି ବିଭ୍ରାଟ ପାଇଁ ବିଭିନ୍ନ କାମ ଅଟକି ରହୁଛି ବୋଲି ମହିଳାମାନେ ଅଭିଯୋଗ କରିଛନ୍ତି । ସେହିଭଳି ପିଲାମାନଙ୍କ ପାଠ ପଢାରେ ମଧ ବ୍ୟାଘାତ ଦେଖାଯାଉଛି । ଗ୍ରୀଷ୍ମଋତୁ ପୂର୍ବରୁ ପ୍ରସ୍ତୁତି ବୈଠକରେ ବିଦ୍ୟୁତ କାଟ କୁ କମାଇବା ପାଇଁ ବିଶେଷ ଧ୍ୟାନ ଦେବାକୁ ଆଲୋଚନା ହୋଇଥିଲା । ପ୍ରତିବର୍ଷ ଏହିପରି ଆଲୋଚନା ହେଉଛି, ମାତ୍ର ତାହା ବୈଠକରେ ହିଁ ସୀମିତ ରହିଯାଉଛି । ପାରଳାଖେମୁଣ୍ଡି ସହରରେ ଏହି ବିଦ୍ୟୁତ୍ କାଟ ସମସ୍ୟାର ସମାଧାନ ପାଇଁ କର୍ତ୍ତୃପକ୍ଷ ଏକ ନିର୍ଦ୍ଦିଷ୍ଟ ପଦକ୍ଷେପ ନେଲେ ହିଁ ଲୋକେ ଉପକୃତ ହୋଇପାରିବେ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି ।

## ବ୍ରାହ୍ମଣ ସମାଜ ବୈଠକ


ବୈଠକରେ ଆଲୋଚନା କରାଯାଉଛି ।

**ଗୁଣପୁର,୧୯।୪(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁର ସହର ଟ୍ରେଜେରି ଅଫିସ ନିକଟ ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ବ୍ରାହ୍ମଣସମାଜର ୧୫ ତମ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ୨୬ ତାରିଖରେ ଦୁଇ ଗରିବ ବ୍ରାହ୍ମଣ ଝିଅଙ୍କ ବିବାହ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା । ଏଥିସହ ଜୁନ ୨୨,୨୩ ତାରିଖ ଦୁଇ ଦିନ ଧରି ୧୦ ଜଣ ଗରିବ ବ୍ରାହ୍ମଣ ପିଲାଙ୍କ ବ୍ରତୋପନୟନ କରାଯିବା ନେଇ ମଧ୍ୟ ସ୍ଥିର ହୋଇଥିଲା । ଏହି ଦୁଇଟି କାର୍ଯ୍ୟକ୍ରମ କିପରି ସଫଳତାର ସହ ପାଳନ କରାଯିବ ସେନେଇ ଆଲୋଚନା କରାଯାଇଥିଲା । ମାନ୍ୟଗଣ୍ୟ ବ୍ରାହ୍ମଣ ବୈଠକରେ ଯୋଗଦେଇ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ । ସଭାପତି ସଦାନନ୍ଦ ପଣ୍ଡା, ସମ୍ପାଦକ କୈଳାସ ମିଶ୍ର, ନବୀନ ପାଢୀ, ସୂର୍ଯ୍ୟନାରାୟଣ ରଥ, ସହଦେବ ରଥ ଏବଂ ଅମ୍ବିକାରାଣୀ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ ।

# ଉଦ୍ୟୋଗକାରୀ ପ୍ରାରମ୍ଭ କର୍ମଶାଳା

**ଗୁଣପୁର,୧୯।୪(ଡି.ଏନ.ଏ)**



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ରାୟଗଡା ଜିଲା ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟ ପରିସରରେ ଶୁକ୍ରବାର ଉଦ୍ୟୋଗକାରୀ ପ୍ରାରମ୍ଭ କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି । ଏହି ଅବସରରେ ଷ୍ଟାର୍ଟ ଅପ ଓଡିଶାର ସିନିୟର ମିଶନ ଆସୋସିଏଟ ରଶ୍ମି ରଞ୍ଜନ ସାହୁ, କାର୍ଭ ଷ୍ଟାର୍ଟ ଅପ ଲେବ ବେଙ୍ଗାଲୁରୁର ପ୍ରତିଷ୍ଠାତା ବିଷ୍ଣୁ ନାଗରାଜନ, ମର୍ଡନ ଏକ୍ରସ ପ୍ରାଇଭେଟ ଲିମିଟେଡର ଏମ.କ୍ରିଷ୍ଣା ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନେ ଉଚ୍ଚଶିକ୍ଷା ପରେ ନିଜେ ଆତ୍ମନିର୍ଭରଶୀଳ ହେବା ପାଇଁ କେଉଁ ଦିଗମାନ ରହିଛି ଏବଂ ନିଜେ କିପରି କମ୍ପାନୀ ପ୍ରତିଷ୍ଠା କରି ପାରିବେ ତାହାର ସଫଳ ମନ୍ତ୍ର କହିଥିଲେ । ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଡ.କେ.ସେନ୍ଥିଲ କୁମାର ଯୋଗଦେଇ ଏହି କର୍ମଶାଳା ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ଗୁଣାବଳୀର ବିକାଶ ହୋଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ । ଡିନ ଏକାଡେମିକ ଡ.ଏ.ଭି.ଏନ.ଏଲ. ଶର୍ମା ସ୍ୱାଗତ ଭାଷଣ ଦେଇଥିବା ବେଳେ ଇ.ସେଲର ଆବାହକ ପ୍ରଫେସର ରାଧାନାଥ ପାତ୍ର ଧନ୍ୟବାଦ ଦେଇଥିଲେ ।

## ତାତିରୁ ଆଶ୍ୱସ୍ତି ଦେଲା ଝିପିଝିପି ବର୍ଷା

**ପାରଳାଖେମୁଣ୍ଡି, ୧୯।୪ (ସ୍ୱ.ପ୍ର.)**

ପାରଳାଖେମୁଣ୍ଡିରେ ଗତ କିଛି ଦିନ ହେବ ଭୀଷଣ ତାତି ଓ ଗ୍ରୀଷ୍ମ ପ୍ରଭାବ ଲୋକମାନଙ୍କୁ ଅତିଷ୍ଠ କରିପକାଇଥିଲା ବେଳେ ଶୁକ୍ରବାର ଅପରାହ୍ନରେ ହୋଇଥିବା ଅଳ୍ପ ବର୍ଷା ଯୋଗୁ ଲୋକେ ସାମାନ୍ୟ ଆଶ୍ୱସ୍ତି ହୋଇଛନ୍ତି । ଗତ ପ୍ରାୟ ୨ ସପ୍ତାହରୁ ଊର୍ଦ୍ଧ୍ୱ ହେବ ସହରରେ ତାତି ଏତେ ଅଧିକା ରହିଥିଲା ଯେ ଦିନ ୧୧ଟା ପରେ ଲୋକମାନେ ଘରୁ ବାହାରିବା ଏକପ୍ରକାର ମୁସ୍କିଲ ହୋଇପଡିଥିଲା । ଦିନ ୧୧ଟା ପୂର୍ବରୁ ହିଁ ଲୋକେ ନିଜର ଜରୁରୀ କାମ ସବୁ ସାରି ଦେଉଥିଲେ । ପୁଣି ଅପରାହ୍ନ ପରେ ଲୋକମାନେ ଘର ବାହାରକୁ ଆସୁଥିଲେ । ଏଭଳିସ୍ଥଳେ ଅପରାହ୍ନରେ ହୋଇଥିବା ଝିପିଝିପି ବର୍ଷା ଲୋକମାନଙ୍କ ମନରେ କିଛିଟା ସନ୍ତୋଷ ଆଣିବା ସହ ଗରମ ପ୍ରଭାବରୁ ଆଶ୍ୱସ୍ତି ମିଳିଛି ।

## ମାଗଣା ସ୍ୱାସ୍ଥ୍ୟସେବା ଶିବିର



ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି ।

**ରାୟଗଡା ଅଫିସ୍, ୧୯।୪**

ରାୟଗଡା ଜିଲା ଜେକେପୁରସ୍ଥିତ ଜେକେ କାଗଜକଳ ପକ୍ଷରୁ ଏକ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି । କାଗଜକଳ କାର୍ଯ୍ୟାଳୟରେ ଆୟୋଜିତ ଶିବିରରେ କାଗଜକଳର ନିର୍ବାହୀ ଉପସଭାପତି ପବନ କୁମାର ସୁରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଏହି ଶିବିର ଜିଲାରେ କାର୍ଯ୍ୟରତ ଖବରଦାତା ଓ ସେମାନଙ୍କ ପରିବାର ନିମନ୍ତେ ଆୟୋଜନ କରାଯାଇଥିଲା । ଏଥିରେ ବିଶାଖାପାଟଣାସ୍ଥିତ କୁଇନ୍ସ ଏନ୍‌ଆର୍‌ଆଇ ହସ୍‌ପିଟାଲର ହୃଦ୍‌ରୋଗ ବିଶେଷଜ୍ଞ ଡାକ୍ତର ସୁବ୍ରମଣ୍ୟମ, ଇଏନ୍‌ଟି ବିଶେଷଜ୍ଞ ଡାକ୍ତର ଅମରନାଥ, ଭେଷଜ ବିଶେଷଜ୍ଞ ବି. ନାଗେଶ୍ୱର ରାଓ, ଅସ୍ଥିଶଲ୍ୟ ବିଶେଷଜ୍ଞ ଆଦିତ୍ୟ ଶେଖର ଉପସ୍ଥିତ ରହି ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଏହି ଅବସରରେ ୧୧୩ ଜଣଙ୍କ ଚିକିତ୍ସା କରାଯିବା ସହ ମାଗଣା ଔଷଧ ପ୍ରଦାନ କରାଯାଇଥିଲା । ଏତଦ୍‌ବ୍ୟତୀତ ମାଗଣା ଇସିଜି ଓ ମଧୁମେହ ପରୀକ୍ଷା ମଧ କରାଯାଇଛି । ଏହି ଶିବିରକୁ କାଗଜକଳ ଉପସଭାପତି ବିଶ୍ୱଜିତ ଦ୍ୱିବେଦୀ, ମହାପ୍ରବନ୍ଧକ ସୁନଦୀପ ପାଣ୍ଡେ, ଲୋକ ସମ୍ପର୍କ ଅଧିକାରୀ ସୁନୀଲ କୁମାର ନାଥ, ସିଏସ୍‌ଆର୍ ଅଧିକାରୀ ହରିହର ଖମାରୀ ପରିଚାଳନା କରିଥିଲେ ।


ଗୁଡ୍ ଫ୍ରାଇଡେ ପାଇଁ ଏକ ଚର୍ଚ୍ଚରେ ପ୍ରାର୍ଥନା କରାଯାଉଛି ।

# ବିଭିନ୍ନ ସ୍ଥାନରେ ଗୁଡ୍ ଫ୍ରାଇଡ଼େ

**ପାରଳାଖେମୁଣ୍ଡି, ୧୯।୪ (ସ୍ୱ.ପ୍ର.)**

ଗଜପତି ଜିଲାର ବିଭିନ୍ନ ଚର୍ଚ୍ଚରେ ଶୁକ୍ରବାର ଖ୍ରୀଷ୍ଟିଆନ ସମ୍ପ୍ରଦାୟ ଭଉଣୀ ଭାଇମାନେ ଗୁଡ୍ ଫ୍ରାଇଡେ ପାଳନ କରିଛନ୍ତି । ଏହି ଅବସରରେ ପାରଳାଖେମୁଣ୍ଡି ସହର ଏବଂ ଏହାର ଉପକଣ୍ଠ ଅଞ୍ଚଳଗୁଡିକ ଚଳଚଞ୍ଚଳ ହୋଇଛି । ଗୁମ୍ମା ବ୍ଲକ ଅଧୀନ ଅନୁକୁଣ୍ଡାଗୁଡା ସୌରା ବାପ୍‌ଟିଷ୍ଟ ଚର୍ଚ୍ଚରେ ସକାଳ ୮ଟାରେ ଉପସ୍ଥିତ ରହି ପ୍ରଭୁ ଯୀଶୁଙ୍କୁ ଆରାଧନା କରିଥିଲେ । ଚର୍ଚ୍ଚର ପାଷ୍ଟର ଏହି ଦିବସର ମହତ୍ତ୍ୱ ବିଷୟରେ ସମସ୍ତଙ୍କୁ ଶିକ୍ଷା ଦେଇଥିଲେ । ପ୍ରଭୁ ଯୀଶୁ ମାନବ ଜାତିର ମୁକ୍ତି ଓ କଲ୍ୟାଣ ପାଇଁ ପ୍ରାୟ ୨ହଜାର ବର୍ଷ ପୂର୍ବେ ନିଜର ପ୍ରାଣ ବଳିଦାନ ଦେଇଥିଲେ । ପ୍ରଭୁଙ୍କୁ ଯିଏ ବିଶ୍ୱାସ କରେ ଏବଂ ନିଜର ତ୍ରାଣକର୍ତ୍ତା ଭାବେ ସ୍ୱୀକାର କରେ ସିଏ ପରିତ୍ରାଣ ପାଇଥାଏ ବୋଲି ଏହି ଅବସରରେ କୁହାଯାଇଥିଲା । ମାନବ ସମାଜର କଲ୍ୟାଣ, ଶାନ୍ତି ଓ ଆନନ୍ଦ ପାଇଁ ପ୍ରାର୍ଥନା କରି କାର୍ଯ୍ୟକ୍ରମ ଶେଷ କରାଯାଇଥିଲା । ସେହିଭଳି ପାରଳାଖେମୁଣ୍ଡି ସହରର ହାଇସ୍କୁଲ ଛକ, ମହିଳା ମହାବିଦ୍ୟାଳୟ ଛକ, ସଞ୍ଜୟ ଗାନ୍ଧୀ କଲୋନୀ ଓ କୋର୍ଟ ଛକ ଆଦି ବିଭିନ୍ନ ସ୍ଥାନରେ ଥିବା ଚର୍ଚ୍ଚରେ ମଧ ଗୁଡ୍ ଫ୍ରାଇଡେ ପାଳନ କରାଯାଇଛି ।

# ବର୍ଜ୍ୟବସ୍ତୁ ପରିଚାଳନା ତାଲିମ

**ପାରଳାଖେମୁଣ୍ଡି, ୧୯।୪ (ସ୍ୱ.ପ୍ର.)**

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସହରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସମ୍ମିଳନୀ ଗୃହରେ ଡାକ୍ତରଖାନାରୁ ବାହାରୁଥିବା ବିଭିନ୍ନ ଅଳିଆ ଆବର୍ଜନା ତଥା ବିଭିନ୍ନ ବର୍ଜ୍ୟବସ୍ତୁ ପରିଚାଳନା ସମ୍ବନ୍ଧରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ମୁଖ୍ୟ ଅତିଥିଭାବେ ସିଡିଏମ୍‌ଓ ଡାକ୍ତର ଗୁନୁରାଣୀ ପଟ୍ଟନାୟକ ଉପସ୍ଥିତ ଥିଲେ । ବର୍ଜ୍ୟବସ୍ତୁଗୁଡିକୁର ଉତ୍ତମ ପରିଚାଳନା କରାଯାଇପାରିଲେ ଚିକିତ୍ସାଳୟ ପରିସର ସ୍ୱଚ୍ଛ ଓ ସୁସ୍ଥ ରହିପାରିବ ବୋଲି ସେ କହିଥିଲେ । ଚିକିତ୍ସାଳୟରୁ ବାହାରୁଥିବା ବର୍ଜ୍ୟବସ୍ତୁ ଗୁଡିକ ବିଭିନ୍ନ ଶ୍ରେଣୀର ହୋଇଥାଏ । ସେଗୁଡିକୁ ଭିନ୍ନ ଭିନ୍ନ ରଙ୍ଗର ଡଷ୍ଟବିନ୍‌ରେ ପକାଇବାକୁ କୁହାଯାଇଥିଲା । ଏଥିପାଇଁ ଲାଲ୍, ହଳଦିଆ, କଳା, ନୀଳ ଆଦି ରଙ୍ଗର ଡଷ୍ଟବିନ ରଖାଯାଇଛି । କେଉଁ ବର୍ଜ୍ୟବସ୍ତୁକୁ କେଉଁ ଡଷ୍ଟବିନ୍‌ରେ ପକାଯିବ ସେ ବିଷୟରେ ମୁଖ୍ୟ ଚିକିତ୍ସାଳୟର ବିଭିନ୍ନ ସଫେଇ କର୍ମଚାରୀ ଏବଂ ସୁପରଭାଇଜରଙ୍କୁ ତାଲିମ ଦିଆଯାଇଛି । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଚିକିତ୍ସାଳୟର ଚିକିତ୍ସା ଅଧୀକ୍ଷକ ଡାକ୍ତର ରମେଶ ଚନ୍ଦ୍ର ମିଶ୍ର, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପି.କେ. ପାତ୍ର, ଡାକ୍ତର ଏମ୍.ଏମ୍. ଅଲ୍ଲୀ, ଡାକ୍ତର ଭି.ଏଲ୍.ଏନ୍. ରାଜୁ ପ୍ରମୁଖ ଉପସ୍ଥିତ ଥିଲେ । ତୁଷାରକାନ୍ତ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।